ସକାଳ
THE SAKALA
ସିନ୍ଦୂରା
ରବିବାର
ଜୁଲାଇ ୨୬- ଅଗଷ୍ଟ ୧, ୨୦୨୬
www.sakalaepaper.com



# ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତଙ୍କ ସଂଖ୍ୟା ଅଗଣିତ । କାଳିଆ ଠାକୁରଙ୍କ ଟିକେ ଦର୍ଶନ ପାଇଁ ପ୍ରତିଦିନ ଶହ ଶହ କୋଶରୁ ହଜାର ହଜାର ଭକ୍ତ ଧାଇଁ ଆସନ୍ତି ଶ୍ରୀକ୍ଷେତ୍ରକୁ । ପବିତ୍ର ଶ୍ରୀକ୍ଷେତ୍ରର ମାଟିକୁ ମୁଣ୍ଡିଆ ମାରି ପାଆନ୍ତି ଅପାର ଆନନ୍ଦ । ଶ୍ରୀଜଗନ୍ନାଥଙ୍କ ମୁହଁ ଟିକିଏ ଚାହିଁ ଦେଲେ ଭୁଲି ଯାଆନ୍ତି ଜୀବନର ସବୁ ଦୁଃଖ, ସବୁ କଷ୍ଟ । ଭକ୍ତି ଭାବରେ ବିଭୋର ଭକ୍ତ ଶ୍ରୀଜଗନ୍ନାଥଙ୍କ ଆଗରେ ଖୋଲି ଦିଏ ମନ କଥା । ନିଜର ସୁଖ, ଦୁଃଖ ଜଣାଏ ନିଜ ପ୍ରିୟ ଠାକୁରଙ୍କୁ । ଅତୀତରେ ଶ୍ରୀଜଗନ୍ନାଥଙ୍କ ଅନେକ ପରମ ଭକ୍ତ ରହିଥିଲେ । ଯେଉଁମାନଙ୍କ ମନରେ, ପ୍ରାଣରେ ହୃଦୟରେ ଶ୍ରୀଜଗନ୍ନାଥଙ୍କ ପ୍ରତି ରହିଥିଲା ଅସୀମ ଭକ୍ତି ଓ ଶ୍ରଦ୍ଧା । କେବଳ ଓଡ଼ିଶା ନୁହେଁ, ଭାରତର ବିଭିନ୍ନ ରାଜ୍ୟରୁ ଅନେକ ସାଧୁ, ସନ୍ଥ, ଭକ୍ତ ପରମପାବନ କ୍ଷେତ୍ରକୁ ଆସିଛନ୍ତି । ଅନ୍ୟ ରାଜ୍ୟରୁ ଶ୍ରୀକ୍ଷେତ୍ରକୁ ଆସିଥିବା ସେଭଳି କେତେ ଜଣ ପରମ ଭକ୍ତଙ୍କୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।

**ସେ ଭକ୍ତର ଭଗବାନ । ସେ ଜଗତର ନାଥ ଶ୍ରୀଜଗନ୍ନାଥ । କେତେବେଳେ ରତ୍ନସିଂହାସନରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି, ପୁଣି କେତେବେଳେ ଭକ୍ତଙ୍କୁ ଦର୍ଶନ ଦେବା ପାଇଁ ସେ ଓହ୍ଲାଇ ଆସନ୍ତି ବଡ଼ଦାଣ୍ଡକୁ । ଭକ୍ତ ମଧ୍ୟ ଚାହିଁ ରହିଥାଏ ନିଜ ପ୍ରିୟ ଠାକୁରଙ୍କ ଟିକିଏ ଦର୍ଶନ ପାଇଁ । କାରଣ ସେ ଭକ୍ତର ଦୁଃଖ ବୁଝନ୍ତି, ମନ କଥା ବୁଝନ୍ତି । ଅନେକ ସାଧୁସନ୍ଥ, ମହାପୁରୁଷ, ଭକ୍ତ ମହାପ୍ରଭୁଙ୍କ ଆକର୍ଷଣରେ ଟାଣି ହୋଇ ଆସିଛନ୍ତି ପବିତ୍ର ଶ୍ରୀକ୍ଷେତ୍ରକୁ । ପରବର୍ତ୍ତୀ ସମୟରେ କେତେକ ସାଧୁସନ୍ଥ ଏହି ପରମ ପାବନ କ୍ଷେତ୍ରରେ ଜୀବନର ଅନ୍ତିମ ସମୟ ପର୍ଯ୍ୟନ୍ତ ଅତିବାହିତ କରିଛନ୍ତି । କେବଳ ଓଡ଼ିଶାର ନୁହେଁ, ଅତୀତରେ ରାଜ୍ୟ ବାହାରୁ ମଧ୍ୟ ଅନେକ ଭକ୍ତ, ସାଧୁସନ୍ଥ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଧାଇଁ ଆସିଛନ୍ତି ଶ୍ରୀକ୍ଷେତ୍ରକୁ । ମହାପ୍ରଭୁଙ୍କ ସେଭଳି କିଛି ପରମ ଭକ୍ତ, ସାଧୁସନ୍ଥଙ୍କୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ପ୍ରତିବେଦନ ।**

ପ୍ରସ୍ତୁତି 'ସକାଳ' ବ୍ୟୁରୋ

ଶ୍ରୀ ଜଗନ୍ନାଥ ହେଉଛନ୍ତି ଭାବର ଠାକୁର । କେଉଁ ରୂପରେ କାହାକୁ ଦର୍ଶନ ଦିଅନ୍ତି ତାହା ଜାଣିବା ଅସମ୍ଭବ । ତେବେ ଭକ୍ତର ଦୁଃଖ ହେଉ କି ଅଭିମାନ । ସବୁକିଛି ସେ ବୁଝି ପାରନ୍ତି । ଭକ୍ତର ମନ ଓ ହୃଦୟର କଥା ଜାଣିପାରିନ୍ତି । ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତଗଣଙ୍କ ମଧ୍ୟରେ ଭକ୍ତ ସାଲବେଗ, ବନ୍ଧୁ ମହାନ୍ତି, ଦାସିଆ ବାଉରି, କବି ଜୟଦେବ, ବଳରାମ ଦାସ, ଜଗନ୍ନାଥ ଦାସ, ମହାପୁରୁଷ ଅଚ୍ୟୁତାନନ୍ଦ ଦାସ, ଭକ୍ତକବି ଯଶୋବନ୍ତ ଦାସ, ଶିଶୁ ଅନନ୍ତ ଦାସ, ଶୁଦ୍ରମୁନି ଶାରଳା ଦାସ, ଦୀନକୃଷ୍ଣ ଦାସ, ଶ୍ରୀଧର ସ୍ୱାମୀ ପ୍ରମୁଖ ଅନ୍ୟତମ । ଏହି ସମସ୍ତ ପରମ ଭକ୍ତଙ୍କୁ ନେଇ ରହିଛି ଅନେକ କାହାଣୀ । କାହା ହାତରୁ ଶ୍ରୀଜଗନ୍ନାଥ ନଡ଼ିଆ ଛଡ଼ା ନେଇଛନ୍ତି ତ ପୁଣି କାହା ଡାକରେ ନନ୍ଦିଘୋଷ ରଥ ଅଟକି ଯାଇଥିଲା । ତେବେ ଏଭଳି ଆହୁରି ଅନେକ ଭକ୍ତ, ସାଧୁସନ୍ଥ ଶ୍ରୀଜଗନ୍ନାଥ ଓ ଶ୍ରୀକ୍ଷେତ୍ର ପ୍ରତି ଆକର୍ଷିତ ହୋଇଆସିଛନ୍ତି ।

ଭାରତର ବିଭିନ୍ନ ପ୍ରାନ୍ତରରୁ ଶ୍ରୀଜଗନ୍ନାଥ ଭକ୍ତ, ସାଧୁସନ୍ଥମାନଙ୍କ ଆଗମନ ପୁରୀ ମାଟିକୁ ଅଧିକ ପବିତ୍ର ଓ ଆଧ୍ୟାତ୍ମିକମୟ କରିଛି । ସେମାନଙ୍କ ମଧ୍ୟରୁ ଆଚାର୍ଯ୍ୟ ଶଙ୍କର, ପଦ୍ମପାଦାଚାର୍ଯ୍ୟ, ଶ୍ରୀମନ୍ତ ଶଙ୍କର ଦେବ, ସନ୍ଥ କବୀର, ଗୁରୁ ନାନକ, ସନ୍ଥ ତୁକାରାମ, ଶ୍ରୀଚୈତନ୍ୟ, ଶ୍ରୀରାମାନୁଜ, ତୁଳସୀ ଦାସ, ମା' ଶାରଳା ଦେବୀ, ଶ୍ରୀ ଦାୟମାତା ପ୍ରମୁଖ ବହୁ ସାଧୁସନ୍ଥ, ଜଗନ୍ନାଥ ପ୍ରେମୀଙ୍କ ଆଗମନର ମହତ୍ତ୍ୱ ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇଛି । ଅନେକ ବିଦେଶୀ ଭକ୍ତ ମଧ୍ୟ ଶ୍ରୀଜଗନ୍ନାଥଙ୍କ ମହିମା ଦ୍ୱାରା ଆକର୍ଷିତ ହୋଇଆସିଛନ୍ତି ପରମପାବନ ଶ୍ରୀକ୍ଷେତ୍ରକୁ ।

ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଭକ୍ତର ଭଗବାନ । ମହାପ୍ରଭୁଙ୍କ ଅନନ୍ତ ଲୀଳା ସୁଦୂର ପ୍ରସାରୀ । ତାଙ୍କ ପାଖରେ ଜାତି, ଧର୍ମ, ବର୍ଣ୍ଣ ଭେଦଭାବ ନାହିଁ । ନାହିଁ ଧନୀ, ଗରିବର ତାରତମ୍ୟ । ତାଙ୍କ ପାଖରେ ସମସ୍ତେ ସମାନ । ଯିଏ ତାଙ୍କୁ ଗୁହାରି କରିଛି ତା'କଥା ଶୁଣିଛନ୍ତି । କେହି କେହି ପରିବ୍ରାଜକ ସାରା ଦେଶ ଭ୍ରମଣ କରି ଶେଷରେ ଶ୍ରୀକ୍ଷେତ୍ରରେ ପହଞ୍ଚିଛନ୍ତି । ଆଉ ଜଗା କାଳିଆର ଦର୍ଶନ କରି ପରମ ତୃପ୍ତି ଲାଭ କରିଛନ୍ତି । ଏ ପବିତ୍ର ମାଟିର ମୋହରେ ସେମାନେ ବାନ୍ଧି ହୋଇଛନ୍ତି ।

ଶ୍ରୀଜଗନ୍ନାଥଙ୍କ ପବିତ୍ର ମାଟି ପ୍ରତି ଆକର୍ଷିତ ହୋଇଆସିଥିବା ପ୍ରଥମ ଆଧ୍ୟାତ୍ମିକ ବ୍ୟକ୍ତି ଥିଲେ ଆଚାର୍ଯ୍ୟ ଶଙ୍କର । ଖ୍ରୀଷ୍ଟୀୟ ଅଷ୍ଟମ ନବମ ଶତାବ୍ଦୀରେ ସେ ପୁରୀ ଆଗମନ କରିଥିବା ଜଣାଯାଏ । ବ୍ରାହ୍ମଣବାଦ ପ୍ରତିଷ୍ଠା ପାଇଁ ଭାରତ ବର୍ଷରେ ସେ ଚାରୋଟି ମଠ ସ୍ଥାପନ କରିଥିଲେ । ସେଥିମଧ୍ୟରୁ ପୁରୀ ଗୋବର୍ଦ୍ଧନ ମଠ ଅନ୍ୟତମ । ପୁରୀ ଶ୍ରୀମନ୍ଦିର ସହିତ ଗୋବର୍ଦ୍ଧନ ମଠର ସଂପର୍କ ଅତି ନିବିଡ଼ । ଶ୍ରୀମନ୍ଦିରର ରୀତିନୀତି, ଶ୍ରୀଜଗନ୍ନାଥ ସଂସ୍କୃତି, ପରମ୍ପରା ସହିତ ଏହି ମଠର ପ୍ରମୁଖ ଭୂମିକା ରହିଛି । ସେହିପରି ଶଙ୍କରାଚାର୍ଯ୍ୟଙ୍କ ଅନ୍ୟତମ ପ୍ରଧାନ ଶିଷ୍ୟ ପଦ୍ମପାଦାଚାର୍ଯ୍ୟ ମଧ୍ୟ ଥିଲେ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ । ଶ୍ରୀଜଗନ୍ନାଥଙ୍କ ଭକ୍ତିଭାବରେ ଆକର୍ଷିତ ହୋଇ ସେ ସବୁଦିନ ପାଇଁ ଶ୍ରୀକ୍ଷେତ୍ରରେ ଅବସ୍ଥାନ କରିଥିଲେ । ଶଙ୍କରାଚାର୍ଯ୍ୟଙ୍କ ପରେ ପରେ ଶ୍ରୀକ୍ଷେତ୍ରକୁ ବହୁ ସାଧୁସନ୍ଥଙ୍କ ଆଗମନ ହୋଇଛି । ସେଇ ସାଧୁସନ୍ଥମାନଙ୍କ ମଧ୍ୟରେ ରାମାଜୁନ, ଯୋଗୀ କର୍ଣ୍ଣାମଗିରି, ଆଲବନ୍ଦରାଚାର୍ଯ୍ୟ, ନାଗାନ୍ତକ ସାଧକ ଲକ୍ଷ୍ମୀଭଦ୍ର, ଗଣପତି ଭଟ୍ଟ ପ୍ରମୁଖ ଅନ୍ୟତମ । ପୁରୀକୁ ସେମାନଙ୍କ ଆଗମନକୁ ନେଇ ରହିଛି ଅନେକ ରୋମାଞ୍ଚକର ଘଟଣା, କାହାଣୀ ।


ସତରେ ଅପୂର୍ବ ମହାପ୍ରଭୁଙ୍କ ଲୀଳା । ଭକ୍ତଙ୍କ ବିନା ଅଧୁରା ସେ । ଭକ୍ତଙ୍କ ସୁଖ, ଦୁଃଖ, ମାନ, ଅଭିମାନ ସବୁ କିଛି ସେ ବୁଝି ପାରନ୍ତି । ସେଥିପାଇଁ ଭକ୍ତମାନେ ମଧ୍ୟ ଧାଇଁ ଆସନ୍ତି କାଳିଆ ଠାକୁରଙ୍କ ଦର୍ଶନ ପାଇଁ । ଶ୍ରୀଜଗନ୍ନାଥ ଓ ତାଙ୍କ ପରମ ଭକ୍ତଙ୍କ ଭାବର ସଂପର୍କ ମଣିଷ ସମାଜକୁ ଯୁଗେ ଯୁଗେ ଅନୁପ୍ରାଣିତ କରୁଥିବ- ଏହା ନିଃସନ୍ଦେହ । ■



ଡକ୍ଟର ଭାସ୍କର ମିଶ୍ର

# ଶ୍ରୀଜଗନ୍ନାଥ ଧାମରେ ଭାରତୀୟ ସାଧୁସନ୍ଥ

**ପ୍ରାଚୀନ ପୁରାଣାଦି ଶାସ୍ତ୍ରମାନଙ୍କରେ କୁହାଯାଇଛି, ସମଗ୍ର ପୃଥିବୀରେ ନୀଳାଚଳ କ୍ଷେତ୍ର ସଦୃଶ ପୁଣ୍ୟ କ୍ଷେତ୍ର ଆଉ ନାହିଁ । ଉତ୍କଳର ଦିବ୍ୟ କ୍ଷେତ୍ର ମର୍ତ୍ତ୍ୟ ବୈକୁଣ୍ଠ ସ୍ୱରୂପ ନୀଳାଚଳ ପର୍ବତରେ ଭବ୍ୟ ପ୍ରାସାଦରେ ବିରାଜିତ ଚତୁର୍ଦ୍ଧା ବିଗ୍ରହଙ୍କ ରହସ୍ୟମୟ ଆବିର୍ଭାବରେ ଆକୃଷ୍ଟ ହୋଇ ବହୁ ମୁନି, ଋଷି, ସାଧୁ, ସନ୍ଥ, ଆଚାର୍ଯ୍ୟମାନେ ଏହି କ୍ଷେତ୍ରରେ ପଦାର୍ପଣ କରିଛନ୍ତି । ଏହି ପରମ ରମଣୀୟ କ୍ଷେତ୍ରରେ ସ୍ୱଳ୍ପକାଳ ଅବସ୍ଥାନ ପୂର୍ବକ ଏହି ପ୍ରମୁଖ ସାଧକମାନେ କଠୋର ସାଧନା ବଳରେ ପରମ କୃପାମୟ ଭଗବାନ ଶ୍ରୀଜଗନ୍ନାଥଙ୍କର କରୁଣାଲାଭ କରି ନିଜକୁ କୃତାର୍ଥ ମଣିଛନ୍ତି । ତନ୍ମଧ୍ୟରେ ଭାରତର ବିଭିନ୍ନ ସ୍ଥାନରୁ କେତେକ ପ୍ରମୁଖ ସନ୍ଥ, ଆଚାର୍ଯ୍ୟଙ୍କ ଶ୍ରୀକ୍ଷେତ୍ର ଧାମକୁ ଆଗମନ ସମ୍ପର୍କରେ ବିଷଦ ବିବରଣୀ ପ୍ରଦତ୍ତ କରାଯାଉଛି ।**



## ଆଚାର୍ଯ୍ୟ ଶଙ୍କର

ଭାରତର ବିଶିଷ୍ଟ ଆଚାର୍ଯ୍ୟ ଅଦ୍ୱୈତବାଦର ପ୍ରତିଷ୍ଠାତା ଶ୍ରୀମଦ୍ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଭାରତୀୟ ସନାତନ ସଂସ୍କୃତିର ସଂସ୍କୃତ ବାଙ୍ମୟକୁ ଯେଉଁ ଅମୂଲ୍ୟନିଧି ପ୍ରଦାନ କରିଛନ୍ତି ତାହା ଅଭୂତ ପୂର୍ବ । ସେ ସନାତନ ଧର୍ମର ଆଦି ଆଚାର୍ଯ୍ୟ, ସଂସ୍ଥାପକ ଥିଲେ । ଭାରତ ବର୍ଷରେ ତିନି ଗୋଟି ପୀଠ ପ୍ରତିଷ୍ଠା ପରେ ସର୍ବଶେଷରେ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରସ୍ଥିତ ପବିତ୍ର ମହୋଦଧିର ଅନତି ଦୂରରେ ଏକ ଆଶ୍ରମ ସ୍ଥାପନ କରିଥିଲେ । ବୈଶାଖ ଶୁକ୍ଳ ଦଶମୀତିଥିରେ ପ୍ରିୟ ଶିଷ୍ୟ ପଦ୍ମପାଦାଚାର୍ଯ୍ୟଙ୍କୁ ପ୍ରଥମ ପୀଠାଧୀଶ୍ୱର ଭାବେ ଗୋବର୍ଦ୍ଧନ ପୀଠରେ ଅଭିଷିକ୍ତ କରିଥିଲେ ।


କେରଳ ରାଜ୍ୟର ଏର୍ଣ୍ଣାକୁଲମ୍ ଜିଲ୍ଲାସ୍ଥ କାଲାଡ଼ି ଗ୍ରାମରେ ବିଶ୍ୱର ପ୍ରମୁଖ ଆଧ୍ୟାତ୍ମିକବାଦୀ ଆଚାର୍ଯ୍ୟ ଶଙ୍କର ଜନ୍ମଗ୍ରହଣ କରିଥିଲେ । ସେ ନମ୍ବୁଦରୀ ବ୍ରାହ୍ମଣ ପରିବାରର ଅଟନ୍ତି । ତାଙ୍କର ଜୀବନ ଦର୍ଶନ କେବଳ ଦିବ୍ୟ ଅଲୌକିକତାରେ ପରିପୂର୍ଣ୍ଣ ଥିଲା । ଭାରତବର୍ଷରେ ସମସ୍ତ ତୀର୍ଥାଟନ ପଦବ୍ରଜରେ ଏକ ଧାର୍ମିକ ଦିଗ୍‌ବିଜୟ ଯାତ୍ରା ପୂର୍ବକ ଐକ୍ୟତାର ସୂତ୍ରରେ ଅଖଣ୍ଡ ଭାରତ ଗଠନ କରିଥିଲେ । ଗୋବିନ୍ଦ ଭଗବତ୍‌ପାଦଙ୍କର ଶିଷ୍ୟ ଥିଲେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ । ଦାରୁବ୍ରହ୍ମଙ୍କର ଦର୍ଶନ ଲାଭ କରିବା ପାଇଁ ଶଙ୍ଖ କ୍ଷେତ୍ର ଭାବରେ ସୁପରିଚିତ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ । ପୂଜ୍ୟପାଦ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଶ୍ରୀମନ୍ଦିର ସେବକ ଓ ବ୍ରାହ୍ମଣ ସମାଜରେ ଶ୍ରେଷ୍ଠ ଭାବରେ ସମ୍ମାନିତ ହେଉଥିବାରୁ ଶ୍ରୀମନ୍ଦିରରେ ଦଣ୍ଡୀ ସନ୍ନ୍ୟାସୀ ଓ ସ୍ୱାମୀମାନେ ଆସନ ପକାଇ ବସିବାର ଅଧିକାର ରହିଆସିଛି । ଏହି ପୀଠର ଶଙ୍କରାଚାର୍ଯ୍ୟ ଦେଉଳ ନୀତି ବିଷୟରେ ମତ ଦେବାର ଅଧିକାର ଅଛି ଓ ମନ୍ଦିରର ଧର୍ମ ବ୍ୟବସ୍ଥା ଏହାଙ୍କୁ ପଚାରି କରିବା ନିୟମ । ମାଦଳାପାଞ୍ଜିର ବିବରଣୀ ଅନୁଯାୟୀ ଅତୀତରେ ଶ୍ରୀମନ୍ଦିରରେ ଶଙ୍କରାଚାର୍ଯ୍ୟଙ୍କ ଅଖଣ୍ଡ ପ୍ରଭାବ ରହିବା ଫଳରେ ରତ୍ନ ସିଂହାସନରେ ଆଚାର୍ଯ୍ୟ ଶଙ୍କର ଓ ପଦ୍ମପାଦାଚାର୍ଯ୍ୟଙ୍କ ମୂର୍ତ୍ତି ଦ୍ୱୟ ପ୍ରତିଷ୍ଠା ହୋଇଥିଲା । ଗୋବର୍ଦ୍ଧନ ମଠର ପ୍ରତିଷ୍ଠାତା ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଉଭୟ ଗଜପତି ଓ ବିଭିନ୍ନ ବ୍ରାହ୍ମଣ ଶାସନର ମହାଜନମାନେ ଗୁରୁରୂପେ ବହୁ ସମ୍ମାନ ପ୍ରଦର୍ଶନ କରିଥାନ୍ତି ।




## ଶ୍ରୀ ରାମାନୁଜାଚାର୍ଯ୍ୟ

ଜଗଦ୍‌ଗୁରୁ ଶ୍ରୀ ଭାଷ୍ୟକାର ବିଶିଷ୍ଟାଦ୍ୱୈତାଚାର୍ଯ୍ୟ ଶ୍ରୀ ରାମାନୁଜ ଥିଲେ ଜଣେ ମହାନ୍ ସାଧକ, ଧର୍ମ ପ୍ରଚାରକ ତଥା ଦାର୍ଶନିକ । ସେ ଥିଲେ ପରମ ବୈଷ୍ଣବ । ଭାରତର ବିଭିନ୍ନ ସ୍ଥାନରେ ବିଷ୍ଣୁ ଉପାସନା ଓ ଶ୍ରୀ ସମ୍ପ୍ରଦାୟର ପ୍ରଚଳନ କରି ସେ ବୈଷ୍ଣବ ଧର୍ମକୁ ଶକ୍ତିଶାଳୀ କରିପାରିଥିଲେ ।

ଶ୍ରୀ ରାମାନୁଜ ତାଙ୍କର ଧାର୍ମିକ ଦିଗ୍‌ବିଜୟ ଯାତ୍ରାରେ ସମଗ୍ର ଭାରତ ବର୍ଷର ବିଭିନ୍ନ ସ୍ଥାନକୁ ଯାଇ କିଛି ଦିନ କାଶୀରେ ଅବସ୍ଥାନ କରିବା ପରେ ଶାରଦା ପୀଠକୁ ଗମନ କରିଥିଲେ । ସେଠାରୁ ଅନୁଜ୍ଞା ଗ୍ରହଣ କରି ସେ ତାଙ୍କର ପାର୍ଷଦମାନଙ୍କ ସହିତ ଉତ୍କଳର ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ଅଭିମୁଖେ ଯାତ୍ରା କରିଥିଲେ । ସମୁଦ୍ର ବେଳାଭୂମିସ୍ଥିତ ସ୍ୱର୍ଗଦ୍ୱାରରେ ଅନତି ଦୂରରେ ଦୁଇ ଏକର ପରିମିତ ଏକ ବାଲୁକାମୟ ସ୍ଥାନରେ ସେ ପ୍ରଥମେ ଛତା ପୋତି ବିଶିଷ୍ଟା ଦ୍ୱୈତାଦ୍ୱୈତବାଦର ପ୍ରଚାର କରିଥିଲେ । ପରବର୍ତ୍ତୀ ସମୟରେ ସେହି ସ୍ଥାନଟି 'ରାମାନୁଜ କୋଟ' ରୂପେ ପ୍ରସିଦ୍ଧି ଲାଭ କରିଥିଲା ।





ପୁରୁଷୋତ୍ତମ କ୍ଷେତ୍ରରେ ପଦାର୍ପଣ କରି ଶ୍ରୀରାମାନୁଜାଚାର୍ଯ୍ୟ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରାଙ୍କ ସହ ସମନ୍ୱିତ ପୂର୍ବକ ଉପାସିତ ହେଉଥିବା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ । ଦିବ୍ୟ ସୁଗନ୍ଧି ଚନ୍ଦନ, କର୍ପୂର, କସ୍ତୁରୀରେ ଚର୍ଚ୍ଚିତ ଦାରୁ ବିଗ୍ରହମାନଙ୍କୁ ସନ୍ଦର୍ଶନ କରି ଆଚାର୍ଯ୍ୟ ରାମାନୁଜ ଅତ୍ୟନ୍ତ ଭାବ ବିହ୍ୱଳ ହୋଇ ପଡ଼ିଥିଲେ । ତାଙ୍କର ମୁଖରୁ ପରଂବ୍ରହ୍ମଙ୍କ ଉଦ୍ଦେଶ୍ୟରେ ଯେଉଁ ଦିବ୍ୟ ସ୍ତୁତି ଉଚ୍ଚାରିତ ହୋଇଥିଲା, ତାହା ଭାର୍ଗବୋପପୁରାଣରେ ଉଲ୍ଲେଖ ମିଳେ ।

'ଶ୍ରୀ ପ୍ରପନ୍ନାମୃତମ୍' ଗ୍ରନ୍ଥର ଉଲ୍ଲେଖ ପ୍ରକାରେ ଶ୍ରୀ ରାମାନୁଜ ଶ୍ରୀକ୍ଷେତ୍ରରେ କିଛି ଦିନ ଆନନ୍ଦରେ ଅତିବାହିତ କରିଥିଲେ । ଆଚାର୍ଯ୍ୟ ରାମାନୁଜ ବିଶିଷ୍ଟାଦ୍ୱୈତାବାଦର ପ୍ରଚାର କରିବା ସଙ୍ଗେ ସଙ୍ଗେ ଶ୍ରୀମନ୍ଦିରରେ ଶ୍ରୀ ପୂଜାର ପ୍ରଚଳନ କରି ଶ୍ରୀ ଲକ୍ଷ୍ମୀଙ୍କ ପୂଜାର ଅୟଆରମ୍ଭ କରିଥିବା ଜଣାଯାଏ । ଏଥିସହିତ ତାଙ୍କର ପ୍ରଭାବରେ ଶ୍ରୀମନ୍ଦିର ସାତ ପାହାଚ ଦ୍ୱାର ଦେଶରେ ଶଙ୍ଖ ଚକ୍ର ମଧ୍ୟରେ ଶ୍ରୀ ସମ୍ପ୍ରଦାୟର ଊର୍ଦ୍ଧ୍ୱପୁଣ୍ଡ୍ର ତିଳକ ଖୋଦିତ ହୋଇଥିଲା । ଶ୍ରୀ ରାମାନୁଜଙ୍କ ଏଠାରୁ ପ୍ରତ୍ୟାବର୍ତ୍ତନ ପରେ ତାଙ୍କର ପ୍ରମୁଖ ଶିଷ୍ୟ ଗୋବିନ୍ଦାଚାର୍ଯ୍ୟ ୧୧୫୦ ଖ୍ରୀଷ୍ଟାବ୍ଦରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପ୍ରସିଦ୍ଧ 'ଏମାର ମଠ' ସ୍ଥାପନ କଲେ ଶ୍ରୀମନ୍ଦିରର ଦୈନନ୍ଦିନ ସେବା ପୂଜା ଓ ଯାନିଯାତ୍ରାରେ ପ୍ରତ୍ୟକ୍ଷ ଭାବେ ଜଡ଼ିତ ହୋଇଥିଲେ । ଏବେ ବି ଶ୍ରୀକ୍ଷେତ୍ରର ପବିତ୍ର ମାଟି ଓ ଶ୍ରୀ ମନ୍ଦିରରେ ଶ୍ରୀ ରାମାନୁଜଙ୍କ ସ୍ମୃତିକୁ ଉଜ୍ଜୀବିତ କରି ଆସୁଅଛି ।

## ଶ୍ରୀ ରସିକାନନ୍ଦ

ବ୍ରହ୍ମ ମାଧ୍ୱ ସଂପ୍ରଦାୟର ଜଣେ ବିଶିଷ୍ଟ ଆଚାର୍ଯ୍ୟ ଶ୍ରୀ ଶ୍ୟାମାନନ୍ଦ ପ୍ରଭୁଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇ ବୃନ୍ଦାବନ ନିବାସୀ ମହାନ୍ ସନ୍ଥ ରସିକାନନ୍ଦ ପୁରୀ ବାଲିସାହିଠାରେ ଏକ ଆଶ୍ରମ ପ୍ରତିଷ୍ଠା କରିଥିଲେ, ଯାହାକି ପରବର୍ତ୍ତୀ ସମୟରେ କୁଞ୍ଜ ମଠ ରୂପେ ସୁପ୍ରତିଷ୍ଠିତ ହୋଇଥିଲା । କଥିତ ଅଛି ଯେ, ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ଶ୍ରୀ ବୃନ୍ଦାବନରେ ଶ୍ୟାମାନନ୍ଦ ପ୍ରଭୁଙ୍କୁ ଉତ୍କଳ ଯାଇ ଶ୍ରୀ ହରି ନାମ ପ୍ରଚାର କରିବା ପାଇଁ ସ୍ୱପ୍ନାଦେଶ ପ୍ରଦାନ କରିଥିଲେ । ଏହି ସ୍ୱପ୍ନାଦେଶ ପରେ ଶ୍ରୀ ଶ୍ୟାମାନନ୍ଦ ପ୍ରଭୁ ଶ୍ରୀ ଅନିରୁଦ୍ଧଙ୍କ ଅବତାର ରସିକାନନ୍ଦ ପ୍ରଭୁଙ୍କୁ ଶିଷ୍ୟ ରୂପେ ଗ୍ରହଣ କରି ଶ୍ରୀ କ୍ଷେତ୍ରକୁ ଆଗମନ କରିଥିଲେ । ଏଠାରେ ଶ୍ରୀ ରାଧାକୃଷ୍ଣଙ୍କ ସେବା, ଶ୍ରୀ ଗୌର ନିତାଇଙ୍କ ସେବା ଓ ଗୌରକୃଷ୍ଣଙ୍କ ନାମ ସଂକୀର୍ତ୍ତନର ମହିମା ପ୍ରଚାର କରିବା ସଙ୍ଗେ ସଙ୍ଗେ ଶ୍ରୀ ପୁରୁଷୋତ୍ତମ ଧାମରେ ପରଂବ୍ରହ୍ମଙ୍କ ସାନ୍ନିଧ ପ୍ରାପ୍ତ ହୋଇ ବିଭୁ ପ୍ରେମରେ ନିଜକୁ ନିମଜ୍ଜିତ କରିଥିଲେ । ଏକଦା ରଥଯାତ୍ରା ସମୟରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଶ୍ରୀକ୍ଷେତ୍ରକୁ ଆସୁଥାଆନ୍ତି, ଯୋଗକୁ ସେହି ସମୟରେ ରଥଟଣା ଯାଉଥିଲା । ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ଓ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚି ଯାଇଥିଲେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ବଡ଼ଦାଣ୍ଡରେ ଅଟକି ରହିଥିଲା । ଭକ୍ତଗଣ, କଳା ବେଠିଆ ତଥା ହସ୍ତୀମାନଙ୍କର ଆପ୍ରାଣ ଚେଷ୍ଟା ମଧ୍ୟ ରଥଟଣା କାର୍ଯ୍ୟକୁ ସଫଳ କରି ପାରି ନ ଥିଲା । ସେହି ସମୟରେ ମୁଦିରଥ ସେବକଙ୍କୁ ସ୍ୱପ୍ନାଦେଶ ହେଲା ଯେ, ମୋର ପ୍ରିୟଭକ୍ତ ରସିକାନନ୍ଦ ଶ୍ରୀକ୍ଷେତ୍ରରେ ପହଞ୍ଚିବା ପରେ ମୋର ରଥ ଚଳିବ । ରସିକାନନ୍ଦ ବଡ଼ ଦାଣ୍ଡରେ ପହଞ୍ଚି ରଥାରୂଢ଼ ବ୍ରହ୍ମାଣ୍ଡନାଥ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଭାବ ବିହ୍ୱଳିତ ହୋଇ ଯାଇଥିଲେ । ସେତେବେଳ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଆଗକୁ ଚଳି ପାରୁ ନ ଥିଲା । ସେହି ସମୟରେ ଗୁରୁଦେବ ଶ୍ରୀ ଶ୍ୟାମାନନ୍ଦ ପ୍ରଭୁଙ୍କ ନିର୍ଦ୍ଦେଶରେ ଶ୍ରୀ ରସିକାନନ୍ଦ ରଥ ପରିକ୍ରମା କରି ନନ୍ଦିଘୋଷ ରଥରେ ମସ୍ତକ ସ୍ପର୍ଶ କରିବା ସହିତ ରଥ ଦଉଡ଼ିକୁ ଧରି ଟାଣିବା ମାତ୍ରେ ହରିବୋଲ, ଜୟ ଜଗନ୍ନାଥ ଧ୍ୱନିରେ ନନ୍ଦିଘୋଷ ରଥ ଦ୍ରୁତ ଗତିରେ ଚଳି ଗୁଣ୍ଡିଚା ମନ୍ଦିରଠାରେ ପହଞ୍ଚି ଯାଇଥିଲା ।

ଗଜପତି ମହାରାଜା ବାଲିସାହିସ୍ଥିତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଏକାନ୍ତ ସ୍ଥାନ ଫୁଲ ତୋଟାରେ ଏକ ମଠ ସ୍ଥାପନ କରିବା ପାଇଁ ଶ୍ୟାମାନନ୍ଦଙ୍କୁ କହିଥିଲେ । ନିଜ ପ୍ରିୟ ଶିଷ୍ୟଙ୍କ ନାମାନୁସାରେ ମଠର ମୁଖ୍ୟ ଆରାଧ ପ୍ରଭୁଙ୍କ ନାମକରଣ କରିଥିଲେ ଶ୍ରୀ ରାଧା ରସିକାରାୟ ଜୀଉ । ଏପରିକି କୁଞ୍ଜ ମଠର ପ୍ରଥମ ମହନ୍ତ ରୂପେ ରସିକାନନ୍ଦ ପ୍ରଭୁଙ୍କୁ ଅଭିଷିକ୍ତ କରି ଗାଦି ସ୍ଥାପନ କରିଥିଲେ ।

ସେ ସମୟରେ ରସିକାନନ୍ଦଙ୍କ ଦ୍ୱାରା ପରିଚାଳିତ କୁଞ୍ଜ ମଠର ଅନେକ ପ୍ରାଧାନ୍ୟ ରହିଥିଲା । ଶ୍ରୀମନ୍ଦିରର ମାହାରୀମାନେ ଏହି ମଠରୁ ଦୀକ୍ଷା ନେବାର ପ୍ରଥା ପ୍ରଚଳିତ ରହିଥିଲା । ସେହିପରି କୁଞ୍ଜ ମଠସ୍ଥ ଶ୍ରୀରସିକାରାୟ ଜୀଉ ମନ୍ଦିରରେ ଚତୁର୍ଦ୍ଧାଦାରୁ ବିଗ୍ରହ ମଧ୍ୟ ସେହି ସମୟରୁ ପୂଜିତ ହୋଇ ଆସୁଛନ୍ତି । ଏହି ସଂପ୍ରଦାୟର ଅନେକ ଅନୁଗାମୀ ପ୍ରଭୁ ଶ୍ୟାମାନନ୍ଦ ଓ ଶ୍ରୀ ରସିକାନନ୍ଦଙ୍କୁ ସ୍ମରଣ କରି ତାଙ୍କରି ଆଦର୍ଶରେ ନିଜକୁ ପରିଚାଳିତ କରୁଛନ୍ତି । ■

ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷକ
ଶ୍ରୀ କ୍ଷେତ୍ର ଧାମ, ପୁରୀ
ମୋ: ୯୪୩୭୨୮୧୧୦୯

ଶ୍ରୀପୁରୁଷୋତ୍ତମଙ୍କ ଭକ୍ତ

# ସିନ୍ଦୂରା



# ଶ୍ରୀଚୈତନ୍ୟ ଓ ଶଙ୍କର ଦେବ









## ଶ୍ରୀଚୈତନ୍ୟ




ଡକ୍ଟର (ଇଂ) ସଞ୍ଜୟ କୁମାର ପଣ୍ଡା

ଓଡ଼ିଶାକୁ ନବ ବୃନ୍ଦାବନ ରୂପେ ବିବେଚନା କରି ମାତା ଶଚୀଦେବୀଙ୍କ ଆଗ୍ରହ କ୍ରମେ ଶ୍ରୀଚୈତନ୍ୟ ପ୍ରଥମେ ଖ୍ରୀ. ୧୫୧୦ ଫେବୃଆରୀ/ମାର୍ଚ୍ଚ ମାସରେ ଶ୍ରୀକ୍ଷେତ୍ରରେ ପଦାର୍ପଣ କରିଥିଲେ। 'ଚୈତନ୍ୟ ଚରିତାମୃତ' ଗ୍ରନ୍ଥ ଅନୁଯାୟୀ ଶ୍ରୀଚୈତନ୍ୟ ପ୍ରାଥମିକ ପର୍ଯ୍ୟାୟରେ ପ୍ରାୟ ତିନି ମାସ ଶ୍ରୀକ୍ଷେତ୍ରରେ ରହି ବିପରୀତ ପରିସ୍ଥିତି ହେତୁ ଦକ୍ଷିଣାତ୍ୟ ପରିବ୍ରାଜନରେ ଚାଲି ଗଲେ। ଦୀର୍ଘ ପାଞ୍ଚ କାଳ ଭାରତର ଚତୁଃପାର୍ଶ୍ୱ ତୀର୍ଥ ଭ୍ରମଣ କରି ଖ୍ରୀ. ୧୫୧୫ରେ ପୁନଶ୍ଚ ଶ୍ରୀକ୍ଷେତ୍ର ପ୍ରତ୍ୟାବର୍ତ୍ତନ କରି ଜୀବନର ଶେଷ ପର୍ଯ୍ୟନ୍ତ (ଖ୍ରୀ: ୧୫୩୩) ବାସ କଲେ। ମହାରାଜା ପ୍ରତାପରୁଦ୍ର ଦେବଙ୍କୁ ନିଜର ଷଡ଼ଭୂଜ (ଶ୍ରୀକୃଷ୍ଣଙ୍କ ସ୍ୱରୂପ) ଦର୍ଶନ କରାଇ ଶିଷ୍ୟତ୍ୱ ପ୍ରଦାନ କଲେ। ଗୋଦାବରୀ ନଦୀ ତଟରେ ରାୟ ରାମାନନ୍ଦ ଶ୍ରୀଚୈତନ୍ୟଙ୍କୁ ରାଧାରାଣୀଙ୍କ ଶ୍ରେଷ୍ଠତ୍ୱ ବର୍ଣ୍ଣନା କରିବାରୁ ଶ୍ରୀଚୈତନ୍ୟ ଅତ୍ୟନ୍ତ ତୃପ୍ତ ହେଲେ ଓ ଓଡ଼ିଶାକୁ ରାୟ ରାମାନନ୍ଦଙ୍କ ପ୍ରତ୍ୟାବର୍ତ୍ତନ ପରେ ଏକତ୍ର ସଖା ହୋଇରହିଲେ। ପ୍ରେମମିଶ୍ରା ବୈଷ୍ଣବ ଧର୍ମର ପ୍ରବର୍ତ୍ତକ ଶ୍ରୀଚୈତନ୍ୟଙ୍କ ଶିଷ୍ୟ ଭାବେ ପଞ୍ଚ ସଖା ଯଥା:- ବଳରାମ ଦାସ, ଜଗନ୍ନାଥ ଦାସ, ଯଶୋବନ୍ତ ଦାସ, ଅଚ୍ୟୁତାନନ୍ଦ ଦାସ, ଶିଶୁ ଅନନ୍ତ ଦାସ ସାରା ଓଡ଼ିଶାରେ ପ୍ରେମଭକ୍ତି ବୈଷ୍ଣବ ଧର୍ମ ପ୍ରଚାର ଅନନ୍ୟ ସାହିତ୍ୟ ଦ୍ୱାରା ପ୍ରଚାରିତ କଲେ। ଜଗନ୍ନାଥ ଦାସଙ୍କ 'ପଦ୍ମପାଦ ସୁଧାନିଧି'ରେ ଶ୍ରୀଚୈତନ୍ୟଙ୍କ ବର୍ଣ୍ଣନା ଅପୂର୍ବ ଥିବା ହେତୁ ଶ୍ରୀଚୈତନ୍ୟ ତାଙ୍କୁ 'ଅତିବଡ଼' ଆଖ୍ୟା ପ୍ରଦାନ କଲେ। ଶ୍ରୀଚୈତନ୍ୟଙ୍କ ଉତ୍କଳୀୟ ବୈଷ୍ଣବଙ୍କ ପ୍ରତି ପ୍ରେମରେ ତାଙ୍କର ବଙ୍ଗାଳୀ ବୈଷ୍ଣବ ଭକ୍ତଗଣ ଅସହିଷ୍ଣୁ ହୋଇଥିଲେ ସୁଦ୍ଧା ସେ ସମସ୍ତଙ୍କୁ ଏକଚକ୍ଷୁରେ ଦେଖୁଥିଲେ। ଶ୍ରୀଚୈତନ୍ୟ ଶ୍ରୀକ୍ଷେତ୍ରରେ ବାସୁଦେବ ସର୍ବଭୌମଙ୍କୁ ନିଜର ଦିବ୍ୟରୂପ ଦର୍ଶନ କରାଇ ସଖା କରିନେଲେ। ସର୍ବଭୌମଙ୍କ ହେତୁ ଶ୍ରୀମନ୍ଦିରରେ ଶ୍ରୀଚୈତନ୍ୟଙ୍କୁ ଯଥେଷ୍ଟ ସମ୍ମାନ ପ୍ରାପ୍ତ ହେଲା ଓ ଶ୍ରୀଚୈତନ୍ୟ ସର୍ବଦା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଗରୁଡ଼ ସ୍ତମ୍ଭ ପୃଷ୍ଠଭାଗରୁ ଦର୍ଶନ କଲେ। ଶ୍ରୀଚୈତନ୍ୟ ପ୍ରଥମେ ସର୍ବଭୌମଙ୍କ ଗୃହରେ ଅତିଥି ରୂପେ ରହିଲେ। ଶ୍ରୀଚୈତନ୍ୟଙ୍କ ପ୍ରପିତାମହ ମଧୁକର ମିଶ୍ର ଯାଜପୁର ଜିଲ୍ଲାର ମୂଳ ଅଧିବାସୀ ଥିବାବେଳେ ପ୍ରତାପ ରୁଦ୍ର ଦେବଙ୍କ ସହ ମନୋମାଳିନ୍ୟ ହେବାରୁ ପଶ୍ଚିମବଙ୍ଗର ଶ୍ରୀହଟ୍ଟର ବଦଗଙ୍ଗ ଗ୍ରାମକୁ ଓ ପରେ ନଦିଆ (ନବଦ୍ୱୀପ)କୁ ସ୍ଥାନାନ୍ତରିତ ହୋଇଗଲେ। ଏଣୁ ଶ୍ରୀଚୈତନ୍ୟଙ୍କ ଉତ୍କଳ ପ୍ରୀତି ଯଥେଷ୍ଟ ଥିଲା। ଶ୍ରୀଚୈତନ୍ୟ ସଂକୀର୍ତ୍ତନ ମାଧ୍ୟମରେ ରାଧାପ୍ରେମ ଭକ୍ତିରେ ତଲ୍ଲୀନ ରହି ବୈଷ୍ଣବ ଧର୍ମର ପ୍ରସାର ସାରା ଓଡ଼ିଶାରେ ପ୍ରଖର କରିଥିଲେ ଓ ଶେଷ ପର୍ଯ୍ୟନ୍ତ କାଶୀ ମିଶ୍ରଙ୍କ ଗମ୍ଭୀରା ଗୃହରେ ବାସ କରିଥିଲେ। ଏହି ଗୃହରେ ରହିବାକୁ ରାଜା ପ୍ରତାପ ରୁଦ୍ର ଦେବ ମଧ୍ୟ ସ୍ୱୀକୃତି ଦେଇଥିଲେ।

ଏହି ଗୃହରେ ରହି ଶ୍ରୀଚୈତନ୍ୟ ଅନେକ ଅଲୌକିକି ଘଟଣା ଘଟାଇଥିଲେ। ଏପରିକି ସମୁଦ୍ର ମଧ୍ୟରେ ଓ ସିଂହଦ୍ୱାରରେ ନିଜର ପ୍ରଲମ୍ବିତ ଶରୀର ଦର୍ଶନ କରାଇ ଶ୍ରୀକୃଷ୍ଣ ନାମ ଶୁଣି ପୁନଶ୍ଚ ପୂର୍ବବତ ହୋଇଥିବା ଜନଶ୍ରୁତି ରହିଛି। ଏହି ଗମ୍ଭୀରା ହିଁ ରାଧାକାନ୍ତ ମଠ ଅଟେ।

ଶ୍ରୀଚୈତନ୍ୟ ଶ୍ରୀକ୍ଷେତ୍ର ବଡ଼ଦାଣ୍ଡରେ କୀର୍ତ୍ତନ କରୁଥିବାବେଳେ ବୃଦ୍ଧାଙ୍ଗୁଳିରେ ଆଘାତପ୍ରାପ୍ତ ହେଲେ। ଅତ୍ୟଧିକ ରକ୍ତସ୍ରାବ ହେତୁ ଶ୍ରୀଚୈତନ୍ୟ ସଂଜ୍ଞାହୀନ ହେଲେ। ତାଙ୍କୁ ତୁରନ୍ତ ଶ୍ରୀମନ୍ଦିରରେ ରଖି ଶ୍ରୀଜଗନ୍ନାଥ ଦାସ ସେବା ଶୁଶ୍ରୂଷା କଲେ। ମାତ୍ର ତିନ ଦିନ ଅତିକ୍ରାନ୍ତେ ଶ୍ରୀଚୈତନ୍ୟଙ୍କ ମହାପ୍ରୟାଣ ହୋଇଗଲା। ଶ୍ରୀଚୈତନ୍ୟ ଥିଲେ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ।

## ଶ୍ରୀମନ୍ତ ଶଙ୍କର ଦେବ



ମହାନ ସନ୍ଥ ଶ୍ରୀମନ୍ତ ଶଙ୍କର ଦେବ ଶ୍ରୀଜଗନ୍ନାଥଙ୍କ ଭକ୍ତିରେ ବିଭୋର ହୋଇ ଆସାମରୁ ଶ୍ରୀକ୍ଷେତ୍ରକୁ ଧାଇଁ ଆସିଥିଲେ। ଦୀର୍ଘ ବାରବର୍ଷର ଭ୍ରମଣ କାଳରୁ ପ୍ରାୟ ୮/୧୦ ବର୍ଷ ପୁରୀରେ ଅବସ୍ଥାନ କରିଥିଲେ। ଏହି ସମୟରେ ଏକ ନବ ବୈଷ୍ଣବ ଧର୍ମ ପରବର୍ତ୍ତନ କଲେ, ଯାହାକୁ 'ଏକ ଶରଣ ଧର୍ମ' ବା 'ମହାପୁରୁଷୀୟ ଧର୍ମ' ଭାବେ ଆଖ୍ୟାୟିତ କରାଯାଏ। ଏହି ଧର୍ମରେ ତିନୋଟି ପନ୍ଥା ଅନ୍ତର୍ଭୁକ୍ତ; ୧- ସତ୍‌ସଙ୍ଗ, ୨- ଶ୍ରୀକୃଷ୍ଣ ଶରଣ , ୩- ନାମ ସଂକୀର୍ତ୍ତନ ଓ ଭଜନ ରହିଛି। ଯାହାକୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଅନୁସରଣ କରନ୍ତି। ଶ୍ରୀମନ୍ତ ଶଙ୍କର ଦେବଙ୍କ ପୁରୀ ରହଣି ସମୟରେ ବାର ଜଣ ପଣ୍ଡା ଶିଷ୍ୟତ୍ୱ ଗ୍ରହଣ କରିଥିଲେ। ଶ୍ରୀମନ୍ତ ଶଙ୍କର ଦେବ ଦୀର୍ଘ ଦଶବର୍ଷ ରହଣି ପରେ ନିଜର ମାତୃଭୂମି ପ୍ରତ୍ୟାବର୍ତ୍ତନ କରିଥିଲେ। ଏକଶତ ବର୍ଷ ଅତିକ୍ରାନ୍ତେ ଖ୍ରୀ: ୧୫୫୦ରେ ପୁନଶ୍ଚ ନିଜ ଅନୁଗତଙ୍କ ସହ ଶ୍ରୀକ୍ଷେତ୍ର ଆଗମନ କଲେ। ଜନଶ୍ରୁତି ଅନୁଯାୟୀ ଶ୍ରୀଜଗନ୍ନାଥଙ୍କ ସ୍ୱପ୍ନାଦେଶ ପାଇ କେତେକ ପଣ୍ଡା ଅଠର ନଳାଠାରେ ଶ୍ରୀମନ୍ତ ଶଙ୍କର ଦେବଙ୍କୁ ପାଛୋଟି ଆଣିଥିଲେ। ଏହି ସମୟରେ ସେ କେବଳ ଅଢ଼େଇ ମାସ ରହଣି କରି ନିଜ ଅନୁଗତଙ୍କ ସହ ଆସାମ ପ୍ରତ୍ୟାବର୍ତ୍ତନ କରିଥିଲେ। ପୁରୀ ରହଣି କାଳରେ ଜଗନ୍ନାଥ ଦାସ ଓ ଅଚ୍ୟୁତାନନ୍ଦ ଦାସଙ୍କ ସହ ଶଙ୍କର ଦେବଙ୍କ ନିବିଡ଼ି ସଂପର୍କ ଥିଲା।

ଶ୍ରୀମନ୍ତ ଶଙ୍କର ଦେବ ପ୍ରଥମ ଆଠ-ଦଶ ବର୍ଷ ରହଣି କାଳରେ 'ଉରଷା ବର୍ଣ୍ଣନ' ଗ୍ରନ୍ଥ ରଚନା କରିଥିଲେ। ଏହି ପୁସ୍ତକ ୨୧ଟି କୀର୍ତ୍ତନ ବା ଅଧ୍ୟାୟକୁ ନେଇ ପରିପୁଷ୍ଟ ହୋଇଛି, ଯେଉଁଥିରେ ଓଡ଼ିଶା ଓ ଶ୍ରୀଜଗନ୍ନାଥଙ୍କ ମହିମା ବର୍ଣ୍ଣିତ ଅଛି। ଏଣୁ ଏହାକୁ 'ଜଗନ୍ନାଥ ବର୍ଣ୍ଣନ' କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ପୁସ୍ତକରେ ଇନ୍ଦ୍ରଦ୍ୟୁମ୍ନ ଚରିତ, ଶ୍ରୀମନ୍ଦିର ନିର୍ମାଣ, ତ୍ରିମୂର୍ତ୍ତି ଗଠନ ପ୍ରତିଷ୍ଠା, ରଥଯାତ୍ରା, ମହାପ୍ରସାଦ ଆଦି ବର୍ଣ୍ଣନା କୀର୍ତ୍ତନ ଗୀତ ମାଧ୍ୟମରେ ବର୍ଣ୍ଣିତ।

କିମ୍ବଦନ୍ତୀ ଅନୁଯାୟୀ ମୈଥିଳୀ ବ୍ରାହ୍ମଣ ଜଗଦୀଶ ମିଶ୍ର ଜଗନ୍ନାଥ ପ୍ରଭୁଙ୍କ ସ୍ୱପ୍ନାଦେଶ ପାଇ ଉତ୍ତର ବିହାର ତିରହଟରୁ ଆସି ଶଙ୍କର ଦେବଙ୍କୁ ଶ୍ରୀକ୍ଷେତ୍ର ଦର୍ଶନ କରି ଭାଗବତ ପଠନ କରିଥିଲେ। ଜଗଦୀଶ ମିଶ୍ରଙ୍କ ଉପଦେଶ କ୍ରମେ ଶଙ୍କର ଦେବ ଶ୍ରୀଧର ସ୍ୱାମୀଙ୍କ ରଚିତ 'ଭାବାର୍ଥ ଦୀପିକା' ଟୀକା ଅବଲମ୍ବନରେ ସଂସ୍କୃତ ଭାଗବତ ଅଧ୍ୟୟନ କରିଥିଲେ ଓ ଶଙ୍କର ଦେବ ଅହମିୟା ଭାଷାରେ ଭାଗବତ ରଚନା କରିଥିଲେ।

ଶଙ୍କର ଦେବ ଶ୍ରୀକୃଷ୍ଣଙ୍କ ପ୍ରସାଦ ଛଡ଼ା ଅନ୍ୟ କୌଣସି ପ୍ରସାଦକୁ ପାପ ବୋଲି ବିବେଚନା କରୁଥିଲେ। ମାତ୍ର ପରେ ଶ୍ରୀଜଗନ୍ନାଥଙ୍କ ସ୍ୱପ୍ନା ଦେଶ ପାଇ ଶ୍ରୀକୃଷ୍ଣ-ଶ୍ରୀଜଗନ୍ନାଥ ଏକ ଓ ଅଭିନ୍ନ ଜ୍ଞାତ କରି ପ୍ରସାଦ ଗ୍ରହଣ କଲେ ଓ ଏକ ଶରଣ ଧର୍ମରେ ମହାପ୍ରସାଦ ସାମିଲ ହେଲା। ୩୦ରୁ ଅଧିକ ପୁସ୍ତକ ସେ ରଚନା କରିଛନ୍ତି। ସେଥିମଧ୍ୟରୁ ଅନେକ ପୁସ୍ତକରେ ଜଗନ୍ନାଥ ସଂସ୍କୃତିରେ ବର୍ଣ୍ଣନା କରି, ଏହାର ପ୍ରଚାର ପ୍ରସାର ଓଡ଼ିଶା ବାହାରେ କରିଥିଲେ। ଶେଷରେ ଖ୍ରୀ: ୧୫୬୮ ରେ ଏକ ଶହ କୋଡ଼ିଏ ବର୍ଷ ବୟସରେ ଜଗନ୍ନାଥଙ୍କ ଭକ୍ତ ଶଙ୍କର ଦେବଙ୍କ ମହାପ୍ରୟାଣ ହୋଇଥିଲା। ■

ପୂର୍ବତନ ଅର୍ଥ କମିଟି ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ
ମୋ: ୯୪୩୭୦୭ ୯୦୯ ୯

# ସେତ ଭକତ ଭାବରେ ବନ୍ଧା



ଅନନ୍ତ ଗୋପାଳ ପଣ୍ଡା

**ଭକ୍ତ ଓ ଭଗବାନଙ୍କ ସମ୍ପର୍କ ଅତି ନିବିଡ଼। ଭକ୍ତଜନଙ୍କ ପ୍ରାଣର ପବନ ଓ ହୃଦୟର ସ୍ପନ୍ଦନ ରୂପେ ସେ ହୁଅନ୍ତି ଅଭିହିତ। ଅନୁରୂପ ଭାବରେ ଭଗବାନଙ୍କ ପ୍ରାଣଧନ ଓ ହୃଦ୍ ଚନ୍ଦନ ରୂପେ ବିବେଚିତ ହୁଅନ୍ତି ଭକ୍ତଜନ। ଉଭୟ ଉଭୟଙ୍କ ପରିପୂରକ। ଭକ୍ତର ଭାବ ବନ୍ଧନରେ ସଦା ଅନୁବନ୍ଧିତ ହୋଇ ଭଗବାନ ଭକ୍ତର ପଛରେ କରନ୍ତି ଅନୁଧାବନ। କେଉଁଠି ଭକ୍ତ ପ୍ରଦତ୍ତ ଉଚ୍ଛିଷ୍ଟ କରନ୍ତି ଭୋଜନ ତ କେଉଁ ଭକ୍ତର ପଦକୁ କରନ୍ତି ପ୍ରକ୍ଷାଳନ। କାହାର ପାଦୁକା ହସ୍ତରେ କରନ୍ତି ଧାରଣ ତ କାହା ରଥର ସାରଥି ପଦକୁ କରନ୍ତି ମଣ୍ଡନ। ଭକ୍ତ ତାଙ୍କର ଅତି ଆପଣାଜନ। ସେହି ଭକ୍ତମାନଙ୍କ ମଧ୍ୟରେ ପରିଗଣିତ ହୁଅନ୍ତି ସୁଦୂର ମହାରାଷ୍ଟ୍ରର ଗଣପତି ଭଟ୍ଟ, କରମାବାଇ ଓ ନାମ ଦେବ।**

## ଗଣପତି ଭଟ୍ଟ

ଭଗବାନଙ୍କ ତାମସ ଅହଂକାରରୁ ସୃଷ୍ଟ ପଞ୍ଚ ମହାଭୂତଙ୍କ ଅଧିପତିମାନଙ୍କ ମଧ୍ୟରେ ଗଜାନନ ଅନ୍ୟତମ। ଆଗମ ରହସ୍ୟ ଅନୁଯାୟୀ ଆପ୍ ( ଜଳ)ର ଅଧିପତି ହେଉଛନ୍ତି ଶ୍ରୀଗଣେଶ। ଗାଣପତ୍ୟ ସମ୍ପ୍ରଦାୟର ଆରାଧ୍ୟ ହେଉଛନ୍ତି ବିଘ୍ନବିନାଶନ ଗଜାନନ। ମହାରାଷ୍ଟ୍ରର ଅଧିବାସୀମାନେ ମୁଖ୍ୟତଃ ଗଣେଶଙ୍କୁ ବ୍ରହ୍ମଙ୍କ ସ୍ୱରୂପ ଭାବେ ପୂଜାର୍ଚ୍ଚନା କରିଥାନ୍ତି। ସେହି ଉପାସକମାନଙ୍କ ମଧ୍ୟରେ ଗଣପତି ଭଟ୍ଟ ହେଉଛନ୍ତି ଅନ୍ୟତମ।

ସବୁଧର୍ମ ତଥା ସମ୍ପ୍ରଦାୟର ଉଦ୍‌ଘୋଷକଗଣ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ରୂପମଧ୍ୟରେ ସେମାନଙ୍କ ଇଷ୍ଟଙ୍କୁ ଦର୍ଶନ କରି ପ୍ରଭୁଙ୍କ ପାଦତଳେ ନେଇଛନ୍ତି ଶରଣ। ସୁଦୂର ମହାରାଷ୍ଟ୍ରର ଅଧିବାସୀ ଗଣପତି ଭଟ୍ଟ ଶ୍ରୀକ୍ଷେତ୍ରରେ ପୂର୍ଣ୍ଣବ୍ରହ୍ମ ବିରାଜମାନ କରିବାର ସମ୍ବାଦ ପ୍ରାପ୍ତ ହୋଇ ଆଗମନ କରିଛନ୍ତି ପୁରୀକୁ। ରତ୍ନ ସିଂହାସନରେ ଜଗନ୍ନାଥଙ୍କ ହସ୍ତପଦବିହୀନ ଦାରବିତନୁ ମଧ୍ୟରେ ତାଙ୍କର ଇଷ୍ଟ ଗଣେଶଙ୍କୁ ଦର୍ଶନ କରି ନପାରି ମନସ୍ତାପରେ ମନ୍ଦିରରୁ ନେଇଛନ୍ତି ବିଦାୟ। ବ୍ୟର୍ଥ ମନୋରଥ ମଧ୍ୟରେ କରିଛନ୍ତି, ରାତ୍ରିଯାପନ। ଭକ୍ତ ଅନ୍ତରର ଦୁଃଖ ବ୍ୟଥିତ କରିଛି ମହାପ୍ରଭୁଙ୍କୁ। ସେଥିପାଇଁ ଭକ୍ତର ମନବାଞ୍ଛା ପୂର୍ଣ୍ଣ କରିବାର ପ୍ରତିଶ୍ରୁତି ପ୍ରଭୁ ପ୍ରଦାନ ପୂର୍ବକ ସ୍ୱପ୍ନାଦେଶ ମାଧ୍ୟମରେ ଭିତରଚ୍ଛ ମହାପାତ୍ରଙ୍କୁ ଗଣପତି ଭଟ୍ଟଙ୍କ ନିକଟକୁ କରିଛନ୍ତି ପ୍ରେରଣ।

ଶ୍ରୀଜଗନ୍ନାଥଙ୍କ ସେବକଙ୍କଠାରୁ ପ୍ରଭୁଙ୍କ ସ୍ୱପ୍ନାଦେଶ ସଂପର୍କରେ ଅବଗତ ହୋଇ ଗଣପତି ଭଟ୍ଟ ପୁନର୍ବାର ନିଜ ଇଷ୍ଟ ଗଜାନନଙ୍କୁ ଦର୍ଶନ କରିବାକୁ ଆସିଛନ୍ତି ଶ୍ରୀମନ୍ଦିର। ସେଦିନ ହୋଇଥାଏ ଜ୍ୟେଷ୍ଠ ପୂର୍ଣ୍ଣିମା। ଚତୁର୍ଦ୍ଧାମୂର୍ତ୍ତି ବିରାଜମାନ କରିଥାନ୍ତି ସ୍ନାନ ମଣ୍ଡପରେ। ସେହି ସମୟରେ ଯୋଡ଼ ହସ୍ତରେ ନିର୍ନିମେଷ ନୟନରେ ଗଣପତି ଭଟ୍ଟ ଚାହିଁ ରହିଥାନ୍ତି କଳାବଦନକୁ। ସେ କ'ଣ ଦେଖୁଛନ୍ତି! ଶ୍ରୀଜଗନ୍ନାଥଙ୍କ ସ୍ୱରୂପ ମଧ୍ୟରେ ପ୍ରତିଭାତ ହେଉଛନ୍ତି ତାଙ୍କର ଇଷ୍ଟ ଗଜାନନ। ପ୍ରଲମ୍ବିତ ଶୁଣ୍ଢର ଦୁଇପାର୍ଶ୍ୱରେ ଶୁଭ୍ର ଦନ୍ତ ଦ୍ୱୟ ଶୋଭାୟମାନ। ବିଶାଳ କର୍ଣ୍ଣଦ୍ୱୟ ଦୋଳାୟମାନ। ଗଜବଦନ ଚାହିଁ ରହିଛନ୍ତି ପ୍ରିୟ ଭକ୍ତ ଗଣପତି ଭଟ୍ଟଙ୍କୁ। ନିସ୍ତରିଲି, ନିସ୍ତରିଲି କହି ଭଟ୍ଟ ଗୋସେଇଁ ପ୍ରଭୁଙ୍କ ପାଦତଳେ ଲୋଟି ଯାଉଥାନ୍ତି। ନୟନ ଯୁଗଳରୁ ଝରି ଯାଉଥାଏ ଲୋତକର ଧାର। ଭକ୍ତବତ୍ସଳ ଶ୍ରୀଜଗନ୍ନାଥ ଭକ୍ତ ଗଣପତି ଭଟ୍ଟଙ୍କ ନାମକୁ ପ୍ରଖ୍ୟାପିତ କରିବା ପାଇଁ ସେହିଦିନଠାରୁ ପ୍ରତିବର୍ଷ ସ୍ନାନ ମଣ୍ଡପରେ ଗଜାନନ ବେଶରେ ବିଭୂଷିତ ହୋଇ ଭକ୍ତମାନଙ୍କୁ ଦେଉଛନ୍ତି ଦର୍ଶନ।




## କରମା ବାଇ


ତ୍ରେତାରେ ପ୍ରଭୁ ଶ୍ରୀରାମଙ୍କୁ ଭକ୍ତି ଭାବରେ ବିଭୋର କରାଇ ନିଜର ଉଚ୍ଛିଷ୍ଟକୁ ସ୍ୱହସ୍ତରେ ଖୁଆଇଥିବା ଶବରୀ ଶ୍ରମଣା ତଥା ଦ୍ୱାପରରେ କାହ୍ନାଙ୍କ କରସ୍ପର୍ଶରେ ଅନିନ୍ଦ୍ୟ ସୁନ୍ଦରୀରେ ପରିଣତ ହୋଇଥିବା କୁବୁଜାର ପ୍ରେମପାଶରେ ଶ୍ରୀକୃଷ୍ଣ ଆବଦ୍ଧ ହୋଇ କୁବୁଜାର ଗୃହରେ ରାତ୍ରିଯାପନ କରିବା ପରି ଏହି କଳିଯୁଗରେ ସ୍ନାନଶୌଚ ନହୋଇ ଦନ୍ତମାର୍ଜନ ନିମନ୍ତେ ବ୍ୟବହୃତ ଦାନ୍ତକାଠିର ପାଶ୍ଚାତ୍‌ଭାଗରେ ଗୋଳାଇଥିବା ଖେଚୁଡ଼ିକୁ ନିଜର ଅପ୍ରତିହତା ଭକ୍ତି ଦ୍ୱାରା ଜଗନ୍ନାଥଙ୍କୁ ଭକ୍ଷଣ କରାଇଥିବା ସେହି ଭକ୍ତିମତି ଅବଳା ହେଉଛନ୍ତି କରମା ବାଇ। ସୁଦୂର ମହାରାଷ୍ଟ୍ରରୁ ଗୁରୁ ଇନ୍ଦ୍ରସ୍ୱାମୀଙ୍କ ସହିତ ପରଂବ୍ରହ୍ମ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଶ୍ରୀକ୍ଷେତ୍ର ଆସିଥିବା କରମା ବାଇ ରତ୍ନସିଂହାସନରେ ସେହି କୋଟି କାମ ନିନ୍ଦିତ କଳାମେଘ ସଦୃଶ କଳାବଦନକୁ ସନ୍ଦର୍ଶନ କରି ହୋଇଛି ବିମୋହିତା। ଶରୀରରେ ସୃଷ୍ଟି ହୋଇଛି ଅଷ୍ଟ ସାତ୍ତ୍ୱିକ ବିକାର। ଭୁଲିଯାଇଛି ନିଜକୁ। ଦୁଇ ହସ୍ତ ହୋଇଛି ଉତ୍ତୋଳିତ। ମୁଖରୁ ସ୍ୱତଃ ନିଃସୃତ ହୋଇଛି ଜୟ ଜଗନ୍ନାଥ ଜୟ ଜଗନ୍ନାଥ। ସେହି ଭୁବନମୋହନଙ୍କ ରୂପରେ ମୋହିତ ହୋଇ କରମା ବାଇ ନିଜକୁ ଦେବଦାସୀ ରୂପେ ସମର୍ପିତ କରିଛି ଜଗନ୍ନାଥଙ୍କୁ। ପାଦରେ ପିନ୍ଧିଛି ଘୁଙ୍ଗୁର। ମହାପ୍ରଭୁଙ୍କ ବଡ଼ଶୃଙ୍ଗାର ପରେ ସୁଲଳିତ କଣ୍ଠରେ ଗୀତଗୋବିନ୍ଦ ଗାନ କରି ଆନମନା କରାଇଛି କଳାବଦନକୁ। ପ୍ରଭୁଙ୍କୁ ଅବଗାହନ କରାଇଛି ପ୍ରୀତିର ଯମୁନାରେ। ଏହିପରି ଦିନପରେ ଦିନ ହୋଇଛି ଅତିବାହିତ। ଶରୀର ନାଶଶୀଳ ନ୍ୟାୟରେ କରମାର ଶରୀର ହୋଇଛି ଅବସନ୍ନ। ନୃତ୍ୟରୁ ହୋଇଛି ନିବୃତ୍ତ। ଫଳସ୍ୱରୂପ ମହାପ୍ରଭୁଙ୍କ ମୁଖମଣ୍ଡଳର ଶୋଭା ସନ୍ଦର୍ଶନରୁ ହୋଇଛି ବଞ୍ଚିତା। ଦୀର୍ଘଦିନର ବିଚ୍ଛେଦ ଅନ୍ତରରେ ସୃଷ୍ଟି କରିଛି କୋହ ଓ ନୟନରେ ଭରି ଦେଇଛି ଲୁହ।



ପରଦିନ ପ୍ରଭାତରେ ମା' ମା' ଡାକ ଶୁଣି ଦ୍ୱାର ଉନ୍ମୁକ୍ତ କରିବାରୁ କରମାବାଇ ଦେଖିଛି ଏକ କ୍ଷୁଧାର୍ତ୍ତ ବାଳକକୁ। ସ୍ନାନ ନ କରି ଘଷୁଥିବା ଦାନ୍ତକାଠିର ପଛରେ ଘାଣ୍ଟି ରାନ୍ଧିଛି ଖେଚୁଡ଼ି। ବାଢ଼ି ଦେଇଛି ବାଳକ ସମ୍ମୁଖରେ। ଆଉଁସି ଦେଇଛି ତା'ର ଶରୀରକୁ। ମାତୃସ୍ନେହ ପ୍ରାପ୍ତ ହୋଇ ବାଳକ ପ୍ରତ୍ୟହ ଆସେ ଏବଂ ଖାଦ୍ୟ ଗ୍ରହଣ ଉପରାନ୍ତେ କରେ ପ୍ରସ୍ଥାନ। ଦିନେ ସେହି ପଥ ଦେଇ ଯିବାବେଳେ ବଡ଼ପଣ୍ଡା ଅଘ୍ରାଣ କରନ୍ତି ଚନ୍ଦନ କସ୍ତୁରୀର ବାସ୍ନା। କରମାବାଇଠୁ ସମସ୍ତ ବୃତ୍ତାନ୍ତ ଶୁଣି ଆଚାର ବିହୀନଭାବେ ଜଗନ୍ନାଥଙ୍କୁ ଖାଦ୍ୟ ପ୍ରଦାନ ଏକ ଅପରାଧ ବୋଲି ଦେଇଛନ୍ତି ଚେତାବନୀ। ପରଦିନଠାରୁ ଶୁଦ୍ଧପୂତ ଭାବେ ପ୍ରସ୍ତୁତ ଖେଚୁଡ଼ିକୁ ଗ୍ରହଣ କରିବାକୁ ଆସିନାହାଁନ୍ତି ପ୍ରଭୁ। ବାଳକ ନ ଆସିବାରୁ ଖାଦ୍ୟ ଗ୍ରହଣ କରେ ନାହିଁ କରମା ବାଇ। ଦୀର୍ଘଦିନ ଅନ୍ନଜଳ ଗ୍ରହଣ ନ କରିବାରୁ ହୋଇଛି ଶଯ୍ୟାଶାୟୀ । ଜଗନ୍ନାଥଙ୍କୁ ଝୁରି ଝୁରି କରମା ବାଇର ପ୍ରାଣବାୟୁ ଉଡ଼ିଯାଇଛି ସେପାରିକୁ। ସେହି ମୁହୂର୍ତ୍ତରେ ଗଜପତିଙ୍କୁ ହୋଇଛି ସ୍ୱପ୍ନାଦେଶ। ପ୍ରଭୁଙ୍କ ମାତୃତୁଲ୍ୟ କରମା ବାଇଙ୍କ ପାର୍ଥିବ ଶରୀର ସଂସ୍କାର ପାଇଁ ଗଜପତି ଦେଇଛନ୍ତି ନିର୍ଦ୍ଦେଶ। ବୈଷ୍ଣବାଗ୍ନିରେ ପ୍ରଜ୍ୱଳିତ ହୋଇଛି ଚିତା ଏବଂ ସେହି ଦିନଠାରୁ ଗଜପତିଙ୍କ ନିର୍ଦ୍ଦେଶରେ ପ୍ରତିବର୍ଷ ବାହୁଡ଼ା ଅବସରରେ ମହାପ୍ରଭୁଙ୍କୁ କରମାବାଇ ଖେଚୁଡ଼ି ହେଉଛି ସମର୍ପଣ। ■

ଶ୍ରୀକ୍ଷେତ୍ର ବିହାର, ଭୁବନେଶ୍ୱର
ମୋ: ୯୮୬୧୪୭୦୧୯୮





ଜଗତର ନାଥ ଶ୍ରୀଜଗନ୍ନାଥ। ସେ କେବଳ ଓଡ଼ିଶାର ବା ଭାରତବର୍ଷର ନୁହଁନ୍ତି; ସେ ସମଗ୍ର ଜଗତର, ବିଶ୍ୱ ସମୁଦାୟର ନାଥ। ଯୁଗେ ଯୁଗେ ମହାତ୍ମା, ମହାପୁରୁଷ, ସାଧୁସନ୍ଥ, ଧର୍ମ ପ୍ରଚାରକ ଧର୍ମ ସଂସ୍କାରକ ଗଣ- ଏହି ଭୂମିକୁ ଆସି ଜଗନ୍ନାଥଙ୍କ ଦର୍ଶନ ସହିତ ଜଗନ୍ନାଥ ସଂସ୍କୃତିକୁ ଅନୁଶୀଳନ କରିଛନ୍ତି। ଶଙ୍କରଙ୍କଠାରୁ ଆରମ୍ଭ କରି ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ମହାନ୍ ପୀଠକୁ ଆସିଛନ୍ତି।



# ସନ୍ଥ ତୁଳସୀଦାସ ଓ ଶ୍ରୀ ଜଗନ୍ନାଥ




ଡକ୍ଟର ଅଭିମନ୍ୟୁ ବରାଳ

ଶ୍ରୀ ଜଗନ୍ନାଥ ରହସ୍ୟମୟ। ସେ ବୈଷ୍ଣବମାନଙ୍କ ପାଇଁ ବିଷ୍ଣୁ ସେ ସୌରମାନଙ୍କ ପାଇଁ ସୂର୍ଯ୍ୟ। ସେ ଶାକ୍ତମାନଙ୍କ ପାଇଁ ଦେବୀ-କାଳୀ ସେ ଗାଣପତ୍ୟମାନଙ୍କ ପାଇଁ ଗଣପତି - ଗଣେଶ। ସବୁଧର୍ମ ସମ୍ପ୍ରଦାୟ ସ୍ୱ ସ୍ୱ ଇଷ୍ଟଜ୍ଞାନ କରି ପ୍ରଣାମ କରିଥାନ୍ତି। ରାମାନନ୍ଦ ସମ୍ପ୍ରଦାୟର ସାଧୁମାନେ ଜଗନ୍ନାଥଙ୍କୁ ଶ୍ରୀରାମଙ୍କ ସ୍ୱରୂପ ଜ୍ଞାନ କରନ୍ତି। ଏହି ପରିପ୍ରେକ୍ଷୀରେ ଭାରତର ସନ୍ଥ କବି ତୁଳସୀ ଦାସଙ୍କ କଥା ବିଚାର୍ଯ୍ୟ ସେ ପରମ ରାମଭକ୍ତ ଓ ରାମ ତାରକ ମନ୍ତ୍ର ସିଦ୍ଧ ଯୋଗୀ ପୁରୁଷ। ତତ୍ ପ୍ରଣୀତ ମହାନ୍ ଭକ୍ତି ଗ୍ରନ୍ଥ 'ଶ୍ରୀରାମଚରିତ ମାନସ' ସମଗ୍ର ଭାରତ ବର୍ଷରେ ବେଶ୍ ପ୍ରତିଷ୍ଠିତ ଉତ୍କଳ ଭୂମିରେ ମଧ ଭକ୍ତ ଗ୍ରନ୍ଥ ବେଶ୍ ଜନାଦର ଲାଭ କରିଛି। ଯୁଗ ଭେଦରେ କଳିଯୁଗରେ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ହିଁ ଶ୍ରେଷ୍ଠ। ଶ୍ରୀଜଗନ୍ନାଥ ହେଉଛନ୍ତି କଳି ଯୁଗର ଆରାଧ ଦେବତା। ବିଭିନ୍ନ ଶାସ୍ତ୍ରରୁ ପ୍ରମାଣପ୍ରାପ୍ତ ହେବା ପରେ ସନ୍ଥ ତୁଳସୀ ଦାସ ଏହି ମହାନ୍ ପୁରୁଷୋତ୍ତମ କ୍ଷେତ୍ର ଓ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା କରିଥିଲେ।

ଶ୍ରୀକ୍ଷେତ୍ରରେ ପହଞ୍ଚି ସନ୍ଥ ତୁଳସୀ ବିଶ୍ୱ ବିଖ୍ୟାତ ଠାକୁର ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଶ୍ରୀ ମନ୍ଦିରକୁ ଗଲେ। ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରି ତାଙ୍କ ମନ ବିଷାଦରେ ଭରିଗଲା। ତୁଳସୀ ଭାବିଥିଲେ ତାଙ୍କର ଇଷ୍ଟଦେବ ପ୍ରଭୁ ରଘୁନାଥଙ୍କର ନବ ନୀରଦ ସୁକାନ୍ତ କମନୀୟ ସ୍ୱରୂପ ଭଳି ଶ୍ରୀଜଗନ୍ନାଥଙ୍କ ବିଗ୍ରହ ହୋଇଥିବ। ତେଣୁ ତୁଳସୀ ଦାସ ଜଗନ୍ନାଥଙ୍କ ଦାରୁ ବିଗ୍ରହକୁ ହଠାତ୍ ହୁଏତ ଜାଣି ପାରିଲେ ନାହିଁ।

ଜଗନ୍ନାଥ ମହାପ୍ରଭୁ ହେଉଛନ୍ତି ଅନ୍ତର୍ଯ୍ୟାମୀ; ସେ ଭକ୍ତ ବତ୍ସଳ। ଭକ୍ତର ଦୁଃଖ ଅଭିମାନକୁ ସେ ସହ୍ୟ କରି ପାରନ୍ତି ନାହିଁ। ପ୍ରଭୁଙ୍କ ରତ୍ନସିଂହାସନ ଟଳିଲା, ପ୍ରଭୁ ତୁଳସୀଙ୍କ ବେଦନା ବୁଝି ପାରିଲେ। ସଙ୍ଗେ ସଙ୍ଗେ ଜଗନ୍ନାଥ ଗଜପତିଙ୍କୁ ନିର୍ଦ୍ଦେଶ ଦେଲେ। ମୋର ଗୋଟିଏ ଭକ୍ତ ସୁଦୂର ଉତ୍ତର ପ୍ରଦେଶରୁ ଆସି ଦର୍ଶନ ପାଇ ମନ ଦୁଃଖରେ ଫେରି ଯାଇ ମାଳତୀ ପାଟପୁର ଗ୍ରାମ ନିକଟରେ ବିଶ୍ରାମ କରିଛି। ତାକୁ ସସମ୍ମାନେ ପାଛୋଟି ଆଣ। ଶ୍ରୀମନ୍ଦିରରେ ସେ ତା'ର ଇଷ୍ଟଙ୍କୁ ଦର୍ଶନ କରିବ। ରାଜାଦେଶ ସଙ୍ଗେ ସଙ୍ଗେ ପାଳିତ ହେଲା। ସେବକ ଗଣ ତଥା ପାରିଷଦଙ୍କ ଗହଣରେ ମହାରାଜ ଯାଇ ତୁଳସୀଙ୍କୁ ସମ୍ମାନର ସହିତ ପାଛୋଟି ଆଣି ଶ୍ରୀମନ୍ଦିରର ଗର୍ଭଗୃହକୁ ନେଇଗଲେ। ତୁଳସୀ ରତ୍ନ ସିଂହାସନରେ ଯାହା ଦେଖିଲେ ତାଙ୍କର ବିସ୍ମୟର ସୀମା ରହିଲା ନାହିଁ। ତୁଳସୀ ଦେଖିଲେ ରତ୍ନ ମଣ୍ଡପରେ ଜଗନ୍ନାଥଙ୍କ ପରିବର୍ତ୍ତେ ଶ୍ରୀରଘୁନାଥ ହିଁ ବିରାଜମାନ କରିଛନ୍ତି? ଶ୍ରୀଜଗନ୍ନାଥ ରାମରୂପରେ, ଶ୍ରୀବଳଦେବ ଲକ୍ଷ୍ମଣ ରୂପରେ, ମାତା ସୁଭଦ୍ରା ଜାନକୀ ମହାରାଣୀଙ୍କ ରୂପରେ ବିରାଜମାନ କରିଛନ୍ତି। ଚକ୍ରରାଜ ସୁଦର୍ଶନ ଶ୍ରୀ ହନୁମାନଜୀଙ୍କ ରୂପରେ ପ୍ରଭୁଙ୍କ ଛାମୁରେ ବିଦ୍ୟମାନ ଅଛନ୍ତି ତୁଳସୀ ହାତଯୋଡ଼ି ନତମସ୍ତକ ହେଲେ।


ତୁଳସୀ ଦାସଙ୍କ ପ୍ରତିଷ୍ଠିତ ବଡ଼ ଛତାମଠର ସାଧୁମାନେ ପ୍ରତ୍ୟହ ଶ୍ରୀମନ୍ଦିରରେ ବଡ଼ ସିଂହାର ସମୟରେ ଏବଂ ଅନ୍ୟ




ସମୟରେ ଗାନ କରି ମନ୍ଦିର ପରିକ୍ରମା କରିବାର ପରଂପରା ଏବେ ମଧ ଅବ୍ୟାହତ ରହିଛି। ଜଗନ୍ନାଥଙ୍କ ପ୍ରତି ତୁଳସୀ ଦାସଙ୍କ ଭକ୍ତିମତ୍ତା ବେଶ୍ ପ୍ରମାଣିତ। ତୁଳସୀ ଦାସ ଯେଉଁଠାରେ ରାତ୍ରଯାପନ କରିଥିଲେ ତୁଳସୀଙ୍କ ସ୍ମୃତିରେ ସେ ଗ୍ରାମର ନାମ ତୁଳସୀ ଚଉରା ହୋଇଅଛି। ତୁଳସୀଙ୍କ ସମ୍ମାନାର୍ଥେ ଉକ୍ତ ଗ୍ରାମରେ ଶ୍ରୀରାମ ମନ୍ଦିର ଓ ତୁଳସୀ ଦାସଙ୍କ ମନ୍ଦିର ନିର୍ମାଣ କରି ପୂଜା କରାଯାଉଛି।

## ସନ୍ଥ କବୀର ଓ ଶ୍ରୀକ୍ଷେତ୍ର

ସନ୍ଥ କବୀର ଭାରତୀୟ ଆଧ୍ୟାତ୍ମିକ ଜଗତର ଏକ କ୍ରାନ୍ତି। ସେ ଏକ ବିସ୍ମୟ। ଏକ ଦୀପସ୍ତମ୍ଭ। ଚିରନ୍ତନର ପ୍ରତୀକ ସେ, ତେଣୁ ଆଜି ବି ସେ ପ୍ରାସଙ୍ଗିକ। ୧୫୧୨ ଖ୍ରୀ:ଅ:ରେ ସେ ଆସିଥିଲେ ଓଡ଼ିଶାର ଜଗନ୍ନାଥଧାମ ପୁରୀକୁ। ଛାଡ଼ି ଯାଇଥିଲେ ତାଙ୍କର ସ୍ୱାକ୍ଷର ମହୋଦଧି ବେଳାରେ ସ୍ୱର୍ଗଦ୍ୱାରର ଫେରନ୍ତା ପଥରେ। ସେଇଟି ହେଉଛି 'କବୀର ଚୌରା ମଠ'। ସେ କାହିଁକି ଏ ତୀର୍ଥକୁ ଆସିଥିଲେ? ଜଣେ ନିର୍ଗୁଣ ଭକ୍ତିର ସାଧକ କେଉଁ ଆକର୍ଷଣରେ ଆସିଥିଲେ ଏଠାକୁ? କଥାଟି ଏକ ବିରୋଧାଭାସ ଭଳି ମନେ ହୁଏ। ଯିଏ ଆଜନ୍ମ କାଶୀ କ୍ଷେତ୍ରବାସୀ ଥିଲେ, ଅଥଚ ସେଠାରେ ପ୍ରାଣତ୍ୟାଗ କଲେ ମୁକ୍ତି ନିଶ୍ଚିତ- ଏହି ପ୍ରତିଷ୍ଠିତ ବିଶ୍ୱାସ ଗ୍ରହଣ ନ କରି ମୃତ୍ୟୁ ପୂର୍ବରୁ କାଶୀ ଛାଡ଼ି ମଗହର ଚାଲି ଯାଇଥିଲେ ଏଭଳି ଜଣେ ସାଧକ ପୁରୀ ଆସିଲେ ବା କାହିଁକି? ଲୋକେ କୁହନ୍ତି ଜଗନ୍ନାଥଙ୍କ ଡୋରୀ ନଲାଗିଲେ କେହି ଏକ୍ଷେତ୍ରକୁ ଆସି ପାରନ୍ତି ନାହିଁ। ନିଶ୍ଚୟ ଡୋର ଲାଗିଥିବ। ସ୍ୱର୍ଗଦ୍ୱାର ଅଞ୍ଚଳରେ କବୀର ଚୌରା ମଠଟି ଅବସ୍ଥିତ। ମଠଟି ଶ୍ରୀହୀନ ଓ କରୁଣ। ଏଠାରେ ଅଛି କବୀରଙ୍କ ଗାଦି। ଏହି ଗାଦି ଘରେ ରହିଛି ଗୋଟିଏ ଆଶାବାଡ଼ି ଓ ହଳେ କଠଉ। ଏଠାରେ ଆଶାବାଡ଼ି ପୋତି କୁଆଡ଼େ କବୀର ଉଚ୍ଛୃଙ୍ଖଳ ସମୁଦ୍ରକୁ ଜବତ କରି ତା' ସ୍ଥାନକୁ ତଡ଼ି ଦେଇଥିଲେ। ସମୁଦ୍ରକୁ ହଟାଇବା ଭଳି ଅନେକ ଅଲୌକିକ ଲୀଳା ସେ ପ୍ରଦର୍ଶନ କରିଛନ୍ତି। ମଠ ପରିସରରେ କେତେ ଜଣ ପୂର୍ବତନ ମଠାଧ୍ୟକ୍ଷଙ୍କ ସମାଧି ରହିଛି। ଦର୍ଶନାର୍ଥୀ ଭକ୍ତମାନେ ଏଠାରେ ଟଙ୍କତୋରାଣି ସେବା କରନ୍ତି ଓ ଝାଡ଼ୁରେ ଆଶୀର୍ବାଦ ଗ୍ରହଣ କରନ୍ତି।






କବୀର ଆସିଥିଲେ ପୁରୀ। ନିର୍ଗୁଣ ଭକ୍ତିର ସାଧକ ଆସିଥିଲେ ସଗୁଣ ଦାରୁବ୍ରହ୍ମଙ୍କ ପୀଠକୁ। ଭଲରେ ଥାଆନ୍ତୁ ଠାକୁରେ ବୋଲି କୁଶଳ କାମନା କରିଥିଲେ। କବୀରଙ୍କ ଜଣେ ଶିଷ୍ୟ ମଲୁକ ଦାସ ଆସି ପୁରୀରେ ଅବସ୍ଥାନ କରିଥିଲେ। ନେମାଳରେ କବୀରଙ୍କର ଏକ ଗାଦୀ ରହିଛି। ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ନିମନ୍ତ୍ରଣ କ୍ରମେ ସେ ହୁଏତ ନେମାଳ ଯାଇଥିବେ। ଶ୍ରୀକ୍ଷେତ୍ର ପୁରୀ ସହିତ ସନ୍ଥ କବୀରଙ୍କ ସମ୍ପର୍କ ନେଇ ଏକ ସ୍ୱତନ୍ତ୍ର ଆଲୋଚନାର ଅପେକ୍ଷା ରଖେ। ■

ବର୍ଷଣା ବିହାର, ମନ୍ଦିର ମାର୍ଗ, ସାକ୍ଷୀଗୋପାଳ, ପୁରୀ
ମୋ: ୯୯୩୭୮୩୫୨୩୦

# ଜଗତ୍‌ଗୁରୁ ଶ୍ରୀ ଶ୍ରୀ ନିମ୍ବାର୍କାଚାର୍ଯ୍ୟ





ଶ୍ୟାମ ପ୍ରକାଶ ସେନାପତି

**ଦ୍ୱାଦଶ ଶତାବ୍ଦୀରେ ଆନ୍ଧ୍ର ପ୍ରଦେଶର ଗୋଦାବରୀ ନଦୀ କୂଳରେ ଅବସ୍ଥିତ ବୈଦୁର୍ଯ୍ୟପଟ୍ଟନମ୍‌ର ଖ୍ୟାତନାମା ସନ୍ଥ ଅରୁଣ ମୁନି ଓ ଜୟନ୍ତୀ ଦେବୀଙ୍କ କୋଳରେ ଆଚାର୍ଯ୍ୟ ନିମ୍ବାର୍କ ଜନ୍ମଗ୍ରହଣ କରିଥିଲେ। ମାତ୍ର ୧୬ ବର୍ଷ ବୟସରୁ ସେ ଚାରିବେଦ ସହିତ ବହୁ ଧର୍ମଶାସ୍ତ୍ରରେ ଅଗାଧ ପାଣ୍ଡିତ୍ୟ ଲାଭ କରି ଜ୍ଞାନ ଅର୍ଜନ କରିଥିଲେ। ପିତାମାତାଙ୍କ ଅନୁମତି ନେଇ ନିୟମାନନ୍ଦ ଗୁରୁଙ୍କ ସନ୍ଧାନରେ ବାହାରିଲେ। ମଥୁରାର ଗୋବର୍ଦ୍ଧନରେ ପହଞ୍ଚି ଏକ ନିମ୍ବଗଛ ତଳେ ତପସ୍ୟାରତ ରହିଲେ। ତାଙ୍କ ତପସ୍ୟାରେ ମୁଗ୍ଧ ହୋଇ ନାରଦ ତାଙ୍କୁ ବେଦାନ୍ତ, ଦର୍ଶନ, ଦ୍ୱୈତାଦ୍ୱୈତ ଦର୍ଶନ ଆଦି ବିଷୟ ଜ୍ଞାନ ପ୍ରଦାନ କଲେ। ପରବର୍ତ୍ତୀ ସମୟରେ ଗୋବର୍ଦ୍ଧନ ପୀଠରେ ସେ ନିଜ ଆଶ୍ରମ ପ୍ରତିଷ୍ଠା କରିଥିଲେ, ଯାହା ଏବେ 'ନିମ୍ବଗ୍ରାମ' ନାମରେ ଜଣାଶୁଣା।**

ଏକଦା ଛଦ୍ମବେଶରେ ବ୍ରହ୍ମା ତାଙ୍କ ଆଶ୍ରମକୁ ଆସି ବିଭିନ୍ନ ଦର୍ଶନଶାସ୍ତ୍ର ବିଷୟରେ ଜ୍ଞାନ ପ୍ରଦାନ କରି ସୂର୍ଯ୍ୟାସ୍ତ ପୂର୍ବରୁ ଫେରି ଯିବାକୁ ବାହାରିବାରୁ ନିୟମାନନ୍ଦ ତାଙ୍କୁ ନିବେଦନ କରିଥିଲେ କିଛି ଖାଦ୍ୟ ଓ ପାନୀୟ ଗ୍ରହଣ କରିବାକୁ। କିନ୍ତୁ ସୂର୍ଯ୍ୟାସ୍ତ ହେବାକୁ ଥିବାରୁ ଖାଦ୍ୟ ଗ୍ରହଣ କରିବାକୁ ମନା କରିବାରୁ ସେ ଛଦ୍ମରୂପୀ ବ୍ରହ୍ମାଙ୍କୁ କହିଲେ ଆପଣ ଖାଦ୍ୟ ଗ୍ରହଣ ନ କରିବା ଯାଏ ସୂର୍ଯ୍ୟାସ୍ତ ହେବ ନାହିଁ। ଏହା ଦେଖି ବ୍ରହ୍ମା ଆଶ୍ଚର୍ଯ୍ୟ ହୋଇ ତାଙ୍କଠାରୁ କିଛି ଫଳମୂଳ ଗ୍ରହଣ କରିଥିଲେ। ବ୍ରହ୍ମା ଏହି ସମୟରେ ନିମୟାନନ୍ଦଙ୍କ ନାମ ନିମ୍ବାର୍କ (ନିମ୍ବ-ବୃକ୍ଷ, ଅର୍କ-ସୂର୍ଯ୍ୟ) ରଖିଲେ। ସେହିଦିନଠାରୁ ନିୟମାନନ୍ଦ ସର୍ବତ୍ର ନିମ୍ବାର୍କ ନାମରେ ପରିଚିତ ହେଲେ।

ନିମ୍ବାର୍କାଚାର୍ଯ୍ୟା ଥିଲେ ଦୟା, କ୍ଷମା, ଶ୍ରଦ୍ଧା ପ୍ରଭୃତି ଦିବ୍ୟଗୁଣର ଅବତାର। ପୁରୀ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପ୍ରତିଷ୍ଠିତ 'ରାଧାବଲ୍ଲଭ ମଠ' ନିମ୍ବାର୍କ ପନ୍ଥାର ମତ ପ୍ରଚାର ପାଇଁ ଏକ ପ୍ରମୁଖ କେନ୍ଦ୍ର ଥିଲା। ଶୁଣାଯାଏ ଯେ, ଏହି ମଠର ବିଜେସ୍ଥଳୀଠାରେ ଶ୍ରୀ ନିମ୍ବାର୍କ ସ୍ୱଳ୍ପ ସମୟ ପାଇଁ ଅବସ୍ଥାନ କରିଥିଲେ। ପ୍ରତ୍ୟେକ ବର୍ଷ ରାଧାବଲ୍ଲଭ ମଠ ପକ୍ଷରୁ ଆଚାର୍ଯ୍ୟ ନିମ୍ବାର୍କଙ୍କର ଜୟନ୍ତୀ ଉତ୍ସବ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ପାଳନ କରାଯାଉଛି।

ସେ ଥିଲେ ପ୍ରକୃତରେ ରାଧାକୃଷ୍ଣଙ୍କର ଉପାସକ। ସ୍ୱପ୍ରତିଷ୍ଠିତ ବୈଷ୍ଣବ ସିଦ୍ଧାନ୍ତର ପ୍ରଚାର କରିବା ନିମନ୍ତେ ଶ୍ରୀକ୍ଷେତ୍ରରେ ପହଞ୍ଚି ସେ ଜଗନ୍ନାଥଙ୍କୁ କୃଷ୍ଣ ଭାବରେ ବନ୍ଦନା କରୁଥିଲେ। ତାଙ୍କ ମତରେ ଶ୍ରୀଜଗନ୍ନାଥ ହେଉଛନ୍ତି ପ୍ରତ୍ୟକ୍ଷ ଶ୍ରୀକୃଷ୍ଣ। ସେ ସର୍ବପ୍ରଥମେ କୃଷ୍ଣଭକ୍ତି ଧାରାକୁ ପ୍ରଚାର କରି ଶ୍ରୀଜଗନ୍ନାଥଙ୍କୁ କୃଷ୍ଣ ସ୍ୱରୂପରେ ଅନୁଭବ କରିବା ପରେ କୃଷ୍ଣତତ୍ତ୍ୱ ଆରୋପିତ ହୋଇଥିଲା। ଏହି ଭାବଧାରାର ମୂଳ ପ୍ରବର୍ତ୍ତକ ଶ୍ରୀନିମ୍ବାର୍କ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ମଧ୍ୟ ଜଣେ ଅନନ୍ୟ ଭକ୍ତ ଥିଲେ। ମହାପ୍ରଭୁ ଜଗନ୍ନାଥ ଯେ କୃଷ୍ଣ- ଏହି ବିଚାରଧାରା ଓ ଏହି ଭାବଧାରାର ମୂଳ ପ୍ରବର୍ତ୍ତକ ଶ୍ରୀନିମ୍ବାର୍କ ଯେ ମହାପ୍ରଭୁଙ୍କର ଅନନ୍ୟ ଭକ୍ତ-ଏଥିରେ କୌଣସି ସନ୍ଦେହର ଅବକାଶ ନାହିଁ। ■

ପ୍ରତିଷ୍ଠାତା ସଂପାଦକ 'ଅଭିନନ୍ଦନିକା', ପୁରୀ

# ଶ୍ରୀଜଗନ୍ନାଥଙ୍କ ଭକ୍ତ ଗୁରୁ ନାନକ



**ସର୍ବଧର୍ମ ସମନ୍ୱୟର ପବିତ୍ର ପୀଠ ହେଉଛି ଶ୍ରୀକ୍ଷେତ୍ର। ବିଭିନ୍ନ ଧର୍ମର ଗୁରୁ, ସାଧୁସନ୍ଥମାନେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଧାଇଁ ଆସିଛନ୍ତି ଏହି ପବିତ୍ର ପୀଠକୁ। ସେମାନଙ୍କ ମଧ୍ୟରୁ ଶିଖ୍ ଧର୍ମଗୁରୁ ନାନକ ଅନ୍ୟତମ।**

ଷୋଡ଼ଶ ଶତାବ୍ଦୀର ପ୍ରଥମ ଭାଗରେ ଗୁରୁ ନାନକ ଶ୍ରୀପୁରୁଷୋତ୍ତମ ଧାମରେ ପହଞ୍ଚିଥିଲେ। ତାଙ୍କ ସହିତ ଥିଲେ ଶିଷ୍ୟ ମର୍ଦ୍ଦନ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ତାଙ୍କ ହୃଦୟରେ ଥିଲା ଅମାପ ଭକ୍ତି ଓ ଶ୍ରଦ୍ଧା। ନିରାକାର ସତ୍ତାକୁ ଗ୍ରହଣ କରି ଗୁରୁ ନାନକ ପାଲଟି ଯାଇଥିଲେ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ। ଏକଦା ନାନକଙ୍କ ପାଇଁ ମହାପ୍ରଭୁ ନିଜ ରତ୍ନଥାଳି ବଢ଼ାଇ ଦେଇ କ୍ଷୁଧା ନିବାରଣ କରିଥିଲେ ବୋଲି ଜନଶ୍ରୁତି ରହିଛି। ଏକ ଆଖ୍ୟାନ ଅନୁଯାୟୀ, ନିଜ ଶିଷ୍ୟମାନଙ୍କ ସହିତ ନାନକ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରୁଥିଲେ। ଏହି ସମୟରେ ପଣ୍ଡାମାନେ ସେମାନଙ୍କୁ ଯବନ ଭାବି ଶ୍ରୀମନ୍ଦିରକୁ ପ୍ରବେଶ ପାଇଁ ବାରଣ କରିଥିଲେ। ଫଳରେ ନାନକ ମହାପ୍ରଭୁଙ୍କ ଦର୍ଶନ ଓ ମହାପ୍ରସାଦ ପାଇବାରୁ ବଞ୍ଚିତ ହୋଇଥିଲେ। ଅଭିମାନରେ ଗୁରୁ ନାନକ ଆଉ ଶ୍ରୀମନ୍ଦିର ପ୍ରବେଶ କରି ନଥିଲେ। ସିଂହଦ୍ୱାର ଛାଡ଼ି ସେ ମହୋଦଧି କୂଳକୁ ଯାଇଥିଲେ। ସେଠାରେ ସେ ଧ୍ୟାନମଗ୍ନ ହୋଇ ମହାପ୍ରଭୁଙ୍କ ପ୍ରାର୍ଥନା କରିଥିଲେ। ଭକ୍ତ ନାନକଙ୍କ ହୃଦୟର କୋହ ଓ ଅଭିମାନକୁ ମହାପ୍ରଭୁ ବୁଝି ପାରିଥିଲେ। ତେଣୁ ଶ୍ରୀମନ୍ଦିରରୁ ଶ୍ରୀଜଗନ୍ନାଥଙ୍କ ରତ୍ନଥାଳି ଉଠି ଆସି ତାଙ୍କର ମୁଣ୍ଡ ଉପରେ ବୁଲିବାକୁ ଲାଗିଲା। ଏହି ଖବର ଗଜପତି ମହାରାଜଙ୍କ ପାଖରେ ପହଞ୍ଚିଗଲା। ଗଜପତି ତୁରନ୍ତ ମହୋଦଧି କୂଳକୁ ଯାଇ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ ଗୁରୁ ନାନକଙ୍କୁ ସାକ୍ଷାତ କଲେ। ସେଠାରେ ଗଜପତିଙ୍କୁ ଗୁରୁ ନାନକ ନିଜ ହାତ ପାପୁଲିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରାଇଥିଲେ। ନାନକଙ୍କ ହାତ ପାପୁଲିରେ ମହାପ୍ରଭୁଙ୍କୁ ଦେଖି ଗଜପତି ଆଶ୍ଚର୍ଯ୍ୟଚକିତ ହୋଇଯାଇଥିଲେ। ନାନକଙ୍କୁ କ୍ଷମା ଭିକ୍ଷା କଲେ। ଏଥିରୁ ପ୍ରମାଣିତ ହୁଏ ଶ୍ରୀଜଗନ୍ନାଥଙ୍କ ଜଣେ ପରମ ଭକ୍ତ ହେଉଛନ୍ତି ଗୁରୁ ନାନକ। ମହାପ୍ରଭୁଙ୍କ ପରମ ଭକ୍ତ ଗୁରୁ ନାନକଙ୍କ ଅସୀମ ଭକ୍ତି ଓ ଶ୍ରଦ୍ଧା ଗଜପତିଙ୍କୁ ଅଭିଭୂତ କରିଥିଲା।

ଗୁରୁ ନାନକ ଯେଉଁଠାରେ ଅବସ୍ଥାନ କରୁଥିଲେ, ସେହି ଅଞ୍ଚଳ 'ବାଉଳୀ ମଠ' ଭାବେ ପରିଚିତ। ଏହି ମଠ ଗୁରୁ ନାନକଙ୍କ ସ୍ମୃତି ଓ ଶିଖ୍ ପରମ୍ପରା ସହିତ ଜଡ଼ିତ। 'ବାଉଳୀ ମଠ'ରେ ଗୁରୁଗ୍ରନ୍ଥ ସାହେବ ଗାଦି ରହଛି। ଭକ୍ତିଭାବରେ ବିଭୋର ହୋଇ ସେ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ପଞ୍ଜାବୀ ଭାଷାରେ ଏକ ଗୀତ ମଧ୍ୟ ରଚନା କରିଥିଲେ । ଓଡ଼ିଶା ଓ ଶ୍ରୀଜଗନ୍ନାଥଙ୍କ ସହିତ ଗୁରୁ ନାନକଙ୍କ ନିବିଡ଼ ସଂପର୍କ ଏବେ ବେଶ୍ ପ୍ରେରଣାପ୍ରଦ। ଗୁରୁ ନାନକ ଶ୍ରୀଜଗନ୍ନାଥଙ୍କ ପ୍ରତି ସମର୍ପିତ ଜଣେ ପରମ ଭକ୍ତ ଥିଲେ-ଏହା ଜନଶ୍ରୁତିରୁ ପ୍ରମାଣିତ ହୁଏ। ■



# ନୀତି ଅନୀତି ରାଜନୀତି

ଶ୍ରୀବିଦୂର

## ଆଖଡ଼ା ମୁଖିଆଙ୍କ ଭବିଷ୍ୟବାଣୀ



ରାଜନୀତି ଓ ଜ୍ୟୋତିଷ ଶାସ୍ତ୍ର ଯେମିତି ପରିପୂରକ। ନିର୍ବାଚନ ସମୟରେ ରାଜନେତାମାନେ ଯେପରି ଭବିଷ୍ୟବାଣୀ କରନ୍ତି, ତାହା ଶୁଣିଲେ ଲାଗେ ଯେମିତି ସେମାନଙ୍କଠାରୁ ବଡ଼ ଜ୍ୟୋତିର୍ବିଦ୍ ଆଉ କେହି ନାହାନ୍ତି। ରାମମନ୍ଦିର ଆଖଡ଼ା ମୁଖିଆ ମନମୋହନ ସାମଲ ଯାହା କହନ୍ତି, କିଛି ଦିନ ପରେ ତାହା ରାଜନୀତିରେ ଚର୍ଚ୍ଚାର ବିଷୟ ହୋଇଥିବା ଅନେକବାର ପ୍ରମାଣିତ ହୋଇଛି। ନିର୍ବାଚନ ପୂର୍ବରୁ ସେ ପଦ୍ମ ଦଳ ଏକାକୀ ଲଢ଼ିବ ବୋଲି ଭବିଷ୍ୟବାଣୀ କରିଥିଲେ; ସତରେ ତାହା ହିଁ ଘଟିଲା ଓ ତାଙ୍କ ଦଳ ଏକାକୀ ନିର୍ବାଚନ ମଇଦାନକୁ ଓହ୍ଲାଇଲା। ସେମିତି ସେ ସରକାର ଗଢ଼ିବୁ ବୋଲି କରିଥିବା ଭବିଷ୍ୟବାଣୀ ବି ସତ ହେଲା। କିଛିଦିନ ତଳେ ସେ ପୋକା ବାଇଗଣକୁ ନେଇ ସଙ୍ଗଠନ କରିବାକୁ ଭବିଷ୍ୟତବାଣୀ କରିଥିଲେ। କେଇଟା ଦିନ ଯାଇନାହିଁ, ଶଙ୍ଖ ଦଳରୁ ବିଦାୟ ନେଇଥିବା ଜଣକ ପରେ ଜଣେ ନେତାଙ୍କୁ ନେଇ ସେ ଦଳରେ ମିଶାଉଥିବା ଦେଖିବା ପରେ ତାଙ୍କ ଭବିଷ୍ୟବାଣୀ ଉପରେ ଆଉ କେହି ଅବିଶ୍ୱାସ କରିପାରୁ ନାହାନ୍ତି । ହେଲେ ସିମୁଳିଆ ପୋକା ବାଇଗଣର ପଚାଗନ୍ଧ ବାଲେଶ୍ୱର ଜିଲ୍ଲା ଡ଼େଇଁ ଦିଲ୍ଲୀରେ ପହଞ୍ଚିବା ଏବେ କୁଆଡ଼େ ଦଳ ପାଇଁ ଅସହଜ ପରିସ୍ଥିତି ସୃଷ୍ଟି କରିଛି । ସୋସିଆଲ ମିଡ଼ିଆରେ ପୋକା ବାଇଗଣର ଗାଳିର ଦୁର୍ଗନ୍ଧ ଭାଇରାଲ କାହାଣୀ ବିହାରୀବାଗ ମାର୍ଫତରେ ଯାଇ ଦିଲ୍ଲୀରେ ମିଶ୍ର ଏଣ୍ଡ ଦାସଙ୍କ ନିକଟରେ ପହଞ୍ଚିଥିବା ଶୁଣିବାକୁ ମିଳୁଛି । ଯା ପରେ ମନମୋହନଙ୍କ ପରବର୍ତ୍ତୀ ଭବିଷ୍ୟବାଣୀଙ୍କ ଉପରେ ସଭିଙ୍କ ନଜର...। ■

## ଗଣ୍ଡବାବୁଙ୍କୁ ବଞ୍ଚାଇଦେଲେ କକ୍ରୋଚ୍



ଅବଧୂତଙ୍କର ୨୪ ଗୁରୁ ମଧ୍ୟରେ ଅଜଗର, ହାତୀ ପରି ବିଶାଳ ଜୀବ ସହ ମାଛ, କପୋତ ଓ ମହୁମାଛି ବି ସାମିଲ ଥିଲେ । ତେଣୁ ପୃଥିବୀରେ ଛୋଟ ହେଉ ବା ବଡ଼, ପ୍ରତ୍ୟେକଙ୍କର କିଛି ନା କିଛି ମହତ୍ୱ ଅଛି । ଅନେକ ସମୟରେ ଛୋଟଛୋଟ ଜୀବମାନେ ବି ଅନେକ ବଡ଼ବଡ଼ ନେତାମାନଙ୍କର ଭାଗ୍ୟ ବଦଳାଇ ଦେଇଥିବା ଦେଖାଯାଇଛି। ଆମ ରାଜ୍ୟରେ ପିଲାଙ୍କ ପଢ଼ା ବହିରେ ଭୟଙ୍କର ବିଭ୍ରାଟ ଯେତେବେଳେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ପାଇଁ ବିପଦର ଘନ ବାଦଲ ସୃଷ୍ଟି କରିଥିଲା, ସମସ୍ତଙ୍କ ନଜର ତାଙ୍କ ଉପରେ ନିବଦ୍ଧ ଥିଲା; ଠିକ୍ ସେତେବେଳେ ରାଜନୀତି ମଞ୍ଚରେ ପ୍ରବେଶ କଲା କକ୍ରୋଚ୍। ଗଣ୍ଡବାବୁଙ୍କ ଆଡ଼କୁ ମାଡ଼ି ଆସୁଥିବା ଅଣଚାଶ ଝଡ଼କୁ କକ୍ରୋଚ ନିଜ ଆଡ଼କୁ ଟାଣିନେଲା। ବହି ଛପା, ଝାଲ ମୁଢ଼ି, ନିମ୍ବୁଡା ଓ ଇଂରାଜୀ ବହିରେ ରଜଦୋଳି ବିତର୍କଠାରୁ ଗଣମାଧ୍ୟମରେ କକ୍ରୋଚ୍ ହିଁ ଚର୍ଚ୍ଚାର ପରିଧିରେ ରହିଲା। କକ୍ରୋଚ ଗର୍ଜନ ଭିତରେ ମନ୍ତ୍ରୀଙ୍କ ବହିଷ୍କାର ଦାବି ନିଷ୍ପ୍ରଭ ହୋଇଗଲା। ଯା ପରେ ଗଣ୍ଡବାବୁ ମୁହଁକୁ ହସ ଫେରିଲା ଆଉ ତାଙ୍କ ବିଭାଗର ବାବୁମାନେ ଆଶ୍ୱସ୍ତିର ନିଶ୍ୱାସ ଛାଡ଼ୁଥିବା ଦେଖାଗଲା। ଅବଶ୍ୟ ଗଲା ଦି ବର୍ଷ ଭିତରେ ରାଜ୍ୟରେ ଯେତେବେଳେ କିଛି ଗୋଟାଏ ବଡ଼ ଅଘଟଣ ଘଟିଛି, ସେତେବେଳେ ଅନ୍ୟ ଏକ ଘଟଣା ପୂର୍ବ ଅଘଟଣକୁ ନେଇ ସୃଷ୍ଟ ଅସନ୍ତୋଷକୁ ମାହାର କାଟି କେହି ନା କେହି ଅନ୍ୟ ଆଡ଼କୁ ବୁହାଇ ଦେଇଥିବା ଦେଖାଯାଇଛି । ଏବେ କେବଳ ଗଣ୍ଡବାବୁ ବା ତାଙ୍କ ବିଭାଗ ପାଇଁ ନୁହେଁ; କକ୍ରୋଚ କାହାଣୀ ରଥଯାତ୍ରା ଅଘଟଣରେ ତିନି ମୁଣ୍ଡ ଗଡ଼ିବା ଘଟଣାକୁ ବି ନିଷ୍ପ୍ରଭ କରିଦେଇଛି। ■

## କହି ନ ଜାଣିଲେ କଥା ଅଡୁଆ



ରୀତିଯୁଗୀୟ ସାହିତ୍ୟ ସାଧକ ଧନଞ୍ଜୟ ଭଞ୍ଜ, ଉପେନ୍ଦ୍ର ଭଞ୍ଜ, ଅଭିମନ୍ୟୁ ସାମନ୍ତ ସିଂହାର, ଦୀନକୃଷ୍ଣ ଦାସ, ଶିଶୁଶଙ୍କର ଦାସଙ୍କ କାବ୍ୟ ଓ କବିତାଗୁଡ଼ିକ ଓଡ଼ିଆ ସାହିତ୍ୟର ଅମୂଲ୍ୟ ସୃଷ୍ଟି। ସେଥିରେ ଉଲ୍ଲିଖିତ ଛନ୍ଦ, ଉପମା ଓ ଅଳଙ୍କାର ପ୍ରୟୋଗ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟକୁ ରସାଣିତ କରିଥିଲା । ମାତ୍ର ଓଡ଼ିଆ ସାହିତ୍ୟ ଅପେକ୍ଷା ଓଡ଼ିଶା ରାଜନୀତିରେ ଏବେ କୁଆଡ଼େ ବେଶୀ ଉପମା ଓ ଅଳଙ୍କାର ବ୍ୟବହାର ହେଉଥିବା ଶୁଣିବାକୁ ମିଳୁଛି । ବିଡ଼ମ୍ବନା ହେଉଛି ବେଳେବେଳେ ପାତ୍ରୋଚିତ୍ ଉପମା ପ୍ରୟୋଗରେ ନେତାମାନଙ୍କ ଅସାମର୍ଥ୍ୟ ସେମାନଙ୍କ ପାଇଁ ବୁମେରାଂ ପାଲଟି ଯାଉଛି । ଆମ ରାଇଜର ତଦନ୍ତ ମନ୍ତ୍ରୀ ଓରଫ୍ ଆଇନମନ୍ତ୍ରୀ ବାବୁ ପୃଥ୍ୱୀରାଜଙ୍କ ଦୁଇଟି ଟିପ୍ପଣୀ ଏବେ ତାଙ୍କ ପାଇଁ ହିଁ ଅଡୁଆ ସୃଷ୍ଟି କରିବାକୁ ଯାଉଛି ବୋଲି ଲୋକେ କହୁଛନ୍ତି । ହରିଚନ୍ଦନବାବୁ ନିକଟରେ ରଥଯାତ୍ରା ବିଭ୍ରାଟ ପ୍ରସଙ୍ଗରେ ହାତୀ ଯିବାବେଳେ କୁକୁର ଭୁକନ୍ତି ବୋଲି ଗୋଟେ ମନ୍ତବ୍ୟ ଦେଇ ବିରୋଧୀଙ୍କୁ ସମାଲୋଚନା କରିଥିଲେ । ଯାର ଠିକ୍ କେଇଟା ଦିନ ପରେ ଦିଲ୍ଲୀରେ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ପ୍ରସଙ୍ଗରେ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କିଛି ନକରାତ୍ମକ ମନ୍ତବ୍ୟ ଦେଇ ଶାଗୁଣା ପରି ଶବ୍ଦ ବ୍ୟବହାର କରିଥିଲେ । ଯାହାକୁ ନେଇ ଲୋକଙ୍କ ରୋଷ କାହିଁରେ କ'ଣ। ସୋସିଆଲ ମିଡ଼ିଆରେ ଏବେ କୁକୁର, ହାତୀ, ଶାଗୁଣା ଆଦି ମିମ୍ସ ଯେପରି ବନ୍ୟା ସୃଷ୍ଟି ହୋଇଛି; ଲୋକଙ୍କ ମନରେ ସେପରି ରୋଷ କେବେ ଦେଖିବାକୁ ମିଳି ନ ଥିଲା। ସେଥିପାଇଁ କୁହାଯାଇଛି ପରା- କହି ନ ଜାଣିଲେ କଥା ଅଡୁଆ । ■

## ଗଙ୍ଗା ଗଲି ଯେତିକି, ଫଳ ପାଇଲି ସେତିକି



ସାହିତ୍ୟ ସହ ରାଜନୀତି ଓ ପ୍ରଶାସନର ସମ୍ପର୍କ ଅତି ଗହୀର। ପ୍ରଶାସନିକ ଅଧିକାରୀମାନେ ଅକସ୍ମାତ ସାହିତ୍ୟିକ ଓ କବି ହୋଇଥିବାର ଅନେକ ଦୃଷ୍ଟାନ୍ତ ରହିଛି। ଅନୁରୂପ ଭାବରେ କ୍ଷମତାରୁଢ଼ ହେବା ପରେ ରାଜନେତାମାନଙ୍କର ସାହିତ୍ୟ ଓ ପ୍ରବନ୍ଧ ପ୍ରତି କୁଆଡ଼େ ଆକର୍ଷଣ ବଢ଼ିଯାଏ ବୋଲି କୁହାଯାଉଥିବା କଥାଟି ବି ସତ୍ୟ ପ୍ରମାଣିତ ହୋଇଛି। ପଟ୍ଟନାୟକ ଭ୍ରାତାମାନଙ୍କର ତ ସାହିତ୍ୟ ଅନୁରାଗ ଜନ୍ମଗତ । ବାବୁଲାବାବୁ ସ୍କୁଲ ସମୟରୁ ଆରମ୍ଭ କରିଥିବା ଲେଖାଲେଖି ଏବେ ବି ଜାରି ରଖିଛନ୍ତି। ପ୍ରାୟ ଦେଢ଼ ବର୍ଷ ତଳେ ଦୀପ୍ତିରଞ୍ଜନଙ୍କ 'ଡ଼ିଅର ଡ଼ିଆର୍' ଆତ୍ମଜୀବନୀ ପ୍ରକାଶ ପରେ ନିକଟରେ ପୁତୁଲ ବାବୁଙ୍କ ଆତ୍ମଜୀବନୀ 'ସମୟ ସାକ୍ଷୀ' ଉନ୍ମୋଚିତ ହୋଇଛି । ବହିରେ ଇତିହାସ, ଅନୁଭବ ଓ ଅନୁଭୂତି ସହ ସେ ଦୀର୍ଘଦିନ ଧରି ଜଡ଼ିତ ହାତ ପାର୍ଟିର ସହଯୋଗୀ ନେତା ଓ କର୍ମୀଙ୍କ ପାଇଁ ବି ପୁତୁଲବାବୁ ଏକ ସିଧାବାର୍ତ୍ତା ଦେଇଛନ୍ତି । ନିଜର ବ୍ୟବସାୟ ବାଣିଜ୍ୟ ଓ ଆର୍ଥିକ ସ୍ଥିତି ବିଷୟରେ ଉଲ୍ଲେଖ କରି ତାଙ୍କ ଗାଣ୍ଠିଆରେ ଧନ ସମ୍ପତ୍ତି ନାହିଁ ଓ ଭୋଟ ବେଳେ ସେ କାହାକୁ କିଛି ଧନ ଦେବା ଅବସ୍ଥାରେ ନାହାନ୍ତି ବୋଲି କୁଆଡ଼େ ପରୋକ୍ଷରେ ସ୍ପଷ୍ଟ କରିଦେଇଛନ୍ତି । ହାତ ପାର୍ଟି ପୁତୁଲ ବାବୁଙ୍କୁ ଦୁଇ ଦୁଇଥର ମାଷ୍ଟରକ୍ୟାଣ୍ଟିନ ମଠ ମହନ୍ତ କରିଛି । ମାତ୍ର ଯେଉଁଦିନଠାରୁ ସେ ମୁଖିଆ ହୋଇଛନ୍ତି; ସେହି ଦିନଠାରୁ ତାଙ୍କରି ଦଳର ନେତାମାନେ ତାଙ୍କ ଗୋଛି କାଟିବାକୁ କଟୁରୀ ପଜାଇବା ଆରମ୍ଭ କରିଥିବା ଦେଖାଯାଇଛି । ସେଥିପାଇଁ ପୁତୁଲବାବୁ ଆଉ ଗଙ୍ଗା ଯିବେ ନାହିଁ କି ଫଳ ପାଇବେ ନାହିଁ ବୋଲି ବାର୍ତ୍ତା ଆତ୍ମଜୀବନୀ ମାଧ୍ୟମରେ ଦେଇଛନ୍ତି ବୋଲି କେହିକେହି କହୁଛନ୍ତି । ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ। ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ। ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ।

# ଶ୍ରୀଜଗନ୍ନାଥ ଓ ସାଧୁସନ୍ଥ



ସମଗ୍ର ଭାରତୀୟ ସନାତନୀ ଚେତନାର ଅନ୍ୟତମ ଶ୍ରେଷ୍ଠ ଭୂମି ଥିଲା ପବିତ୍ର ଦେବଭୂମି ଓଡ଼ିଶା । ଏହି ଦେବ ରାଜ୍ୟର ସର୍ବଶ୍ରେଷ୍ଠ ଧର୍ମ ଥିଲା ଶ୍ରୀପୁରୁଷୋତ୍ତମ କ୍ଷେତ୍ର । ଯାହାକୁ କି କେଉଁ ପ୍ରାଗ୍ ଐତିହାସିକ କାଳରୁ ବିଷ୍ଣୁଙ୍କ ଆବାସସ୍ଥଳୀ ବୋଲି ବିବେଚନା କରି ମର୍ତ୍ତ୍ୟ ବୈକୁଣ୍ଠ ଭାବରେ ଆଖ୍ୟାୟିତ କରାଯାଇଛି । ମର୍ତ୍ତ୍ୟ ବୈକୁଣ୍ଠରୂପୀ ପୁରୁଷୋତ୍ତମ କ୍ଷେତ୍ରର ଅଧିଷ୍ଠିତ ଦେବତା ଶ୍ରୀଜଗନ୍ନାଥଙ୍କ କ୍ଷେତ୍ରକୁ ଆସି ନିଜ ନିଜର ଚିନ୍ତା ଚେତନାକୁ ପରିପୁଷ୍ଟ କରିବା ପାଇଁ ତଥା ନିଜେ ଧନ୍ୟ ହୋଇଯିବା ପାଇଁ କେଉଁ ଆବହମାନ କାଳରୁ ସାଧୁସନ୍ଥ ଓ ମହାପୁରୁଷମାନଙ୍କ ଆଗମନ ଚାଲିଛି ତା'ର ସଠିକ୍ ଆକଳନ କରିବା ଅସମ୍ଭବ । ଶ୍ରୀକ୍ଷେତ୍ରକୁ ଆସିଥିବା କେତେଜଣ ସାଧୁସନ୍ଥଙ୍କୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା ।

ସୁନିଲ୍ କୁମାର ରଥ

### ପଦ୍ମପାଦାଚାର୍ଯ୍ୟ

ଆଚାର୍ଯ୍ୟ ଶଙ୍କରଙ୍କ ପ୍ରଧାନ ଚାରିଶିଷ୍ୟଙ୍କ ମଧ୍ୟରୁ ଅନ୍ୟତମ ଆଚାର୍ଯ୍ୟ ପଦ୍ମପାଦାଚାର୍ଯ୍ୟ ଥିଲେ ଗୋବର୍ଦ୍ଧନ ମଠର ପ୍ରଥମ ମଠାଧିଷ । ତେବେ ଏହି ମହାନ ଆଚାର୍ଯ୍ୟ ଶ୍ରୀଜଗନ୍ନାଥଙ୍କ ଭକ୍ତିରେ ମୋହିତ ହୋଇ ଏଠାରେ ସବୁଦିନ ପାଇଁ ରହିଯାଇଥିଲେ। ଏହାଙ୍କ ସମୟର ସବୁଠାରୁ ବଡ଼ ଉପଲବ୍ଧି ହେଉଛି ରଥଯାତ୍ରା ସମୟରେ ଶ୍ରୀବିଗ୍ରହମାନଙ୍କ ବାଇଶି ପାହାଚଠାରେ ପ୍ରଥମ ଫଙ୍କି ଭୋଗ ପ୍ରଦାନର ଅଧିକାର ଏହାଙ୍କୁ ପ୍ରାପ୍ତ ହୋଇଥିଲା। ଏତଦ୍ ବ୍ୟତୀତ ଶ୍ରୀ ଚତୁର୍ଦ୍ଧା ବିଗ୍ରହଙ୍କୁ ରଥ ଉପରକୁ ପହଣ୍ଡି ପରେ ଏବଂ ଛେରାପହଁରା ପୂର୍ବରୁ ରଥ ଉପରକୁ ଯାଇ ଦର୍ଶନ କରିବା ଅଧିକାର ଏହାଙ୍କଠାରୁ ଆରମ୍ଭ ହୋଇ ଏ ଯାବତ୍ ପ୍ରଚଳିତ ଅଛି।



### ଯୋଗୀ କର୍ଣ୍ଣାମଗିରି

ଗଙ୍ଗରାଜତ୍ୱ କାଳରେ ତଥା କାମାର୍ଣ୍ଣବଦେବଙ୍କ ସମୟରେ ମହାନ ସିଦ୍ଧ ସାଧକଯୋଗୀ କର୍ଣ୍ଣାମଗିରିଙ୍କ ଶ୍ରୀକ୍ଷେତ୍ର ପଦାର୍ପଣ ଏକ ଅବିସ୍ମରଣୀୟ ଘଟଣା। ଏହି ମହାନ୍ ଯୋଗୀଙ୍କ ଶ୍ରୀକ୍ଷେତ୍ର ଆଗମନ ସମୟରେ ଅଣସର ପଡ଼ିଥାଏ। ଅନବସର ସମୟରେ ମହାପ୍ରଭୁଙ୍କ ଦର୍ଶନ ଅସମ୍ଭବ ଶୁଣି ଯୋଗୀ ଅହଂ ସର୍ବସ୍ୱ ହୋଇ ଯୋଗବଳରେ ମନ୍ଦିର ପ୍ରବେଶ କରି ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ ସ୍ଥିର କଲେ। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ସେ ପଥ ନିରୂପଣ କରିପାରିଲେ ନାହିଁ। ତାଙ୍କୁ ଗୋଟିଏ ନୁହଁ ସହସ୍ର ରାସ୍ତା ଦେଖାଗଲା। ସେ ଭ୍ରମରେ ପଡ଼ିଯାଇଥିଲେ। ତେଣୁ ଦ୍ୱିତୀୟ ପ୍ରଚେଷ୍ଟା ସ୍ୱରୂପ ତନ୍ତ୍ରବଳରେ ନିଜକୁ ଏକ ଭ୍ରମରରେ ରୂପାନ୍ତରିତ କରି ଅଣସର ଗୃହକୁ ପ୍ରବେଶ କରି ଦେଖିଲେ ଗୋଟିଏ ପଦ୍ମକୁ ଆଠଜଣ ସୁନ୍ଦରୀ ନାରୀ ଘେରି ରହିଛନ୍ତି। ଏମାନଙ୍କୁ ଦେଖି ତାଙ୍କ ମନରେ ବିକାର ସୃଷ୍ଟି ହେବାରୁ ସେହି ପଦ୍ମରେ ଯୋଗାଭ୍ରଷ୍ଟ ହୋଇ ପଡ଼ି ଛଟପଟ ହେଲେ ଏବଂ ଜୀବନବିକଳରେ ବାହାରି ଆସିଥିଲେ। ତଥାପି ସେ ନିଜ ଦମ୍ଭ ତ୍ୟାଗ ନକରି ଦଇତାଙ୍କ ସହିତ ଦଇତା ବେଶରେ ପ୍ରବେଶ କରି ଦେଖିଲେ ଅଣସର ଘର ମହାଶୂନ୍ୟରେ ପରିଣତ ହୋଇଯାଇଛି। ଏଠାରେ ତାଙ୍କର ଅନୁଭବ ହୋଇଥିଲା ଶ୍ରୀଜଗନ୍ନାଥ ହିଁ ସଗୁଣ ଓ ନିର୍ଗୁଣ ବ୍ରହ୍ମରୁ ଏକୀଭୂତ ରୂପ। ଏହି ଅନୁଭବ ପରେ ଶୋଲାଖିଆ ବରଗଛ ନିକଟରେ ଅଖିଆପିଆ ପଡ଼ି ରହି ନବଯୌବନ ଦିନ ମହାପ୍ରଭୁଙ୍କ ଦର୍ଶନ କରି ଶ୍ରୀକ୍ଷେତ୍ରରେ ଏକ ମଠ ସ୍ଥାପନ କରି କର୍ଣ୍ଣାମେଶ୍ୱର ମହାଦେବଙ୍କୁ ପ୍ରତିଷ୍ଠା କରି ଶେଷ ଜୀବନ ଅତିବାହିତ କରିଥିଲେ।

### ଭକ୍ତ ଆଲବନ୍ଦାରାଚାର୍ଯ୍ୟ

ଦଶମ ଏକାଦଶ ଶତାବ୍ଦୀର ଅନ୍ୟତମ ଶ୍ରେଷ୍ଠ ସାଧକ ଆଲବନ୍ଦାରାଚାର୍ଯ୍ୟ ଦକ୍ଷିଣ ଭାରତରୁ ଚାଲି ଚାଲି ଶ୍ରୀକ୍ଷେତ୍ରରେ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଆସି ପହଞ୍ଚି ଦେଖିଲେ ସେ ସମୟରେ ଅନବସରକାଳୀନ ଗୁପ୍ତସେବା ଚାଲିଛି। ପ୍ରଭୁଙ୍କ ଦର୍ଶନ ପାଇଁ ପନ୍ଦର ଦିନ ଅପେକ୍ଷା କରିବାକୁ ପଡ଼ିବ। ପରଂବ୍ରହ୍ମଙ୍କ ଅଦର୍ଶନରେ ଧୈର୍ଯ୍ୟହରା ଯୋଗୀଙ୍କ ହୃଦୟରେ ବ୍ୟାକୁଳତା ଦେଖାଦେଲା। ସେ କି ପାପ କରିଛନ୍ତି ଯଦ୍ଦ୍ୱାରା ଶ୍ରୀକ୍ଷେତ୍ରରେ ପହଞ୍ଚି ମଧ୍ୟ ଦର୍ଶନ ହୋଇ ପାରିଲା ନାହିଁ। ତେଣୁ ଏ ଜୀବନ ରକ୍ଷା କରିବାର ପ୍ରୟୋଜନ ନାହିଁ। ଏହି ଚିନ୍ତାରେ ସେ ସମୁଦ୍ରରେ ଝାସ ଦେବା ପାଇଁ ସ୍ୱର୍ଗଦ୍ୱାର ପଥରେ ଆଗେଇ ଚାଲିଲେ। ରାସ୍ତାରେ ହଠାତ୍ ଗୋଟାଏ ପରାକ୍ରମଶାଳୀ ବାନର ଆବିର୍ଭୂତ ହୋଇ ତାଙ୍କ ପଥ ଅନୁସରଣ କଲେ। ଆଲବନ୍ଦାର ତାଙ୍କ ସାଧନାବଳରେ ବୁଝିଯାଇଥିଲେ ଏ ହେଉଛନ୍ତି ସ୍ୱୟଂ ହନୁମାନ। ସେ ବାନରଙ୍କୁ ପ୍ରଣାମ କରନ୍ତେ ଅଣସର ଶେଷ ଯାଏଁ ଅପେକ୍ଷା କରିବାକୁ ଉପଦେଶ ପ୍ରାପ୍ତ ହେଲେ ମଧ୍ୟ ନିଜ ସଂକଳ୍ପ ତ୍ୟାଗ କରିନଥିଲେ। ଏକଥା ଭଗବାନଙ୍କୁ ଅସହ୍ୟ ମନେ ହେଲା ସେ ତେଣୁ ଭକ୍ତଙ୍କୁ ଦିଗଭ୍ରଷ୍ଟ କରାଇ ପଶ୍ଚିମମୁଖ କରିଦେଲେ। ସୂର୍ଯ୍ୟାସ୍ତ ଯାଏଁ ଚାଲି ଚାଲି ଯେଉଁ ସ୍ଥାନରେ ରାତ୍ରୀଯାପନ କଲେ ସେହି ସ୍ଥାନରେ ସ୍ୱୟଂ ଭଗବାନ ଶ୍ରୀଜଗନ୍ନାଥ ଆବିର୍ଭୂତ ହୋଇ ତାଙ୍କୁ ଦର୍ଶନ ଦେଇଥିଲେ ଏବଂ ସ୍ୱଅଣସରକାଳୀନ ବିରୂପକଥା ବର୍ଣ୍ଣନା କରିଥିଲେ। ଏଥିରେ ଗଦ୍ ଗଦ୍ ଭକ୍ତ ଆଲବନ୍ଦାର ଅନୁରୋଧ କରିଥିଲେ ପ୍ରଭୁ ମୋ ପରି ଆପଣଙ୍କ ଭକ୍ତମାନଙ୍କ ପାଇଁ ଏଇ ସୁଯୋଗ ମିଳୁ ଏବଂ ଅଣସର ସମୟରେ ଆପଣଙ୍କ ସୌମ୍ୟ ବିଷ୍ଣୁ ବିଗ୍ରହ ଏହି ସ୍ଥାନରେ ସମସ୍ତେ ଦର୍ଶନ କରନ୍ତୁ। ଶ୍ରୀଜଗନ୍ନାଥ ତଥାସ୍ତୁ କରି ଅନ୍ତର୍ଦ୍ଧାନ ହୋଇଯାଇଥିଲେ। ସେହି ସ୍ଥାନଟି ବ୍ରହ୍ମଗିରି ଓ ବିଗ୍ରହ ହେଉଛନ୍ତି ଆଲବରନାଥ ବା ଅଲରାନାଥ। ସେହିଦିନଠାରୁ ଭକ୍ତ ଆଲବନ୍ଦାରଙ୍କ ସହିତ ଭଗବାନ ଶ୍ରୀଜଗନ୍ନାଥଙ୍କ ମହିମା ଜଡ଼ିତ ହୋଇରହିଛି।

### ସାଧକ ଲକ୍ଷ୍ମୀଭଦ୍ର

ଯୋଗୀ କର୍ଣ୍ଣାମଗିରିଙ୍କ ପରି ନାଗାନ୍ତକ ସାଧକ ଲକ୍ଷ୍ମୀଭଦ୍ରଙ୍କ ଶ୍ରୀକ୍ଷେତ୍ରକୁ ଆଗମନ ଓ ଶ୍ରୀଜଗନ୍ନାଥଙ୍କ ପରଂବ୍ରହ୍ମ ସ୍ୱରୂପର ଅନୁଭବ ସମ୍ପର୍କରେ ମଠ କର୍ମାଙ୍ଗୀରେ ବିବରଣୀମାନ ରହିଛି। ତଦନୁସାରେ ଭୋଇ ବଂଶର ରାଜା ଗଜପତି ବଳଭଦ୍ର ଦେବଙ୍କ ସମୟରେ ଲକ୍ଷ୍ମୀଭଦ୍ର ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଆସି ଏଠାରେ ପହଞ୍ଚି ଜାଣିଲେ ଯେ, ସ୍ନାନ ପୂର୍ଣ୍ଣିମା ପରଦିନଠାରୁ ମହାପ୍ରଭୁ ଜ୍ୱରରେ ପୀଡ଼ିତ ହୋଇ ଅଣସର ଘରେ ଅବସ୍ଥାନ କରୁଛନ୍ତି। ଏକଥା ତାଙ୍କୁ ଶାସ୍ତ୍ରୀୟ ଧାରାର ବ୍ୟତିକ୍ରମ ବୋଲି ମନେ ହୋଇଥିଲା। ତାଛଡ଼ା ଏ ସମୟରେ ଦଇତା ସେବକଙ୍କ ବ୍ୟତୀତ ଅନ୍ୟକେହି ଶ୍ରୀଛାମୁଙ୍କ ନିକଟକୁ ଯାଇ ପାରିବେନି ଶୁଣି ତାଙ୍କ ମନରେ ଜିଦ୍ ଆସିଲା ସେ ଯେମିତି ହେଉ ଅଣସର ଘରେ ଜଗନ୍ନାଥଙ୍କୁ ଦର୍ଶନ କରିବେ। ସେହି ଅନୁସାରେ ନାଗାନ୍ତକ ବିଦ୍ୟାବଳରେ କାୟା ପ୍ରବେଶ କରି ସେ ଭିତରକୁ ଯାଇ ଦେଖିଲେ ଅଷ୍ଟମଞ୍ଜରୀ, ଅନଙ୍ଗ ମଦନାତୁରା, ପରାଶକ୍ତିଙ୍କୁ ବୈଷ୍ଣବୀ ମଧ୍ୟରେ ରଖିଛନ୍ତି। ଏହି ଦୃଶ୍ୟ ବ୍ୟତୀତ ତାଙ୍କୁ ଆଉ କିଛି ଦୃଶ୍ୟ ହେଲା ନାହିଁ। ହଠାତ୍ ତାଙ୍କର ମନେ ପଡ଼ିଲା ସେ ମନ୍ଦିର ପ୍ରବେଶ ପାଇଁ ସିଦ୍ଧାନ୍ତ ନେବା ସମୟରେ ନାରାୟଣରୂପୀ ଜଗନ୍ନାଥ ତାଙ୍କୁ ନିବୃତ ରହିବାକୁ କହିଥିଲେ। ଏବେ ସେ ସତ୍ୟର ଉପଲବ୍ଧି କରି ନିଜର ବିଦ୍ୟାକୁ ଅହଂକୁ ତ୍ୟାଗ କରି ଯେଉଁଠାରେ ନାରାୟଣଙ୍କ ଦର୍ଶନ ପାଇଥିଲେ ସେହି ସ୍ଥାନରେ ମଠ ସ୍ଥାପନ କରି ରହି ଜଗନ୍ନାଥଙ୍କ ପୂର୍ଣ୍ଣବ୍ରହ୍ମତ୍ୱ ପ୍ରଚାରରେ ବ୍ରତୀ ହେଲେ। ତାଙ୍କ ଦ୍ୱାରା ସ୍ଥାପତି ଲକ୍ଷ୍ମୀଭଦ୍ର ମଠ ପରବର୍ତ୍ତୀ ସମୟରେ ଲକ୍ଷ୍ମୀବଜାର ନାମରେ ନିର୍ମିତ ହୋଇଛି।

### ମାଧବେନ୍ଦ୍ର ପୁରୀ

ପ୍ରାଗ୍ ଚୈତନ୍ୟ କାଳରେ ପ୍ରେମଭକ୍ତି ଧର୍ମର ପ୍ରଥମ ଦିଗ୍‌ଦର୍ଶକ ଭାବେ ପରିଚିତ ମାଧବେନ୍ଦ୍ର ପୁରୀ । ପରମଭକ୍ତ ଓ ସାଧୁ ମାଧବେନ୍ଦ୍ର ପୁରୀ ଓଡ଼ିଶା ଆସି ଶ୍ରୀକ୍ଷେତ୍ରରେ ଶ୍ରୀପୁରୁଷୋତ୍ତମଙ୍କ ଦାରବ ବିଗ୍ରହ ମଧ୍ୟରେ ଅନୁଭବ କରିଥିଲେ ତାଙ୍କର ପ୍ରିୟ ବୃନ୍ଦାବନ ଚନ୍ଦ୍ରଙ୍କୁ। ଫଳରେ ଶ୍ରୀକ୍ଷେତ୍ରରେ ଛତାପୋତି ମଠସ୍ଥାପନ କରି ଅନେକ ଦିନ ଅବସ୍ଥାନ କରିଥିଲେ ତଥା ନିଜ ମଠ ପକ୍ଷରୁ ଶ୍ରୀଜଗନ୍ନାଥଙ୍କ ସେବା ପୂଜା ପାଇଁ ଆଗ୍ରହୀ ହୋଇ ଉଠିଥିଲେ । ତାଙ୍କ ଦ୍ୱାରା ପ୍ରତିଷ୍ଠିତ ମଠ ପରବର୍ତ୍ତୀ ସମୟରେ ବଡ଼ଛତାମଠ ନାମ ଧାରଣ କରିବା ସହ ଶ୍ରୀମନ୍ଦିର ସେବାପୂଜାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାଗରେ ଏଯାବତ୍ ରହିଆସିଛି।

### ସନ୍ଥ ତୁକାରାମ

ତୁକାରାମଙ୍କ ଜନ୍ମ ସଂପର୍କରେ ବିଭିନ୍ନ ମତ ରହିଥିଲେ ହେଁ ସେ ପଞ୍ଚଦଶ ଶତାବ୍ଦୀର ଶେଷ ପାଦରେ ମହାରାଷ୍ଟ୍ରର ଦେହୁ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଆଜନ୍ମ ଦୁଃଖୀ ତୁକାରାମ ବିଠଲଜୀଙ୍କ ପୂଜା ଆରାଧନା ଓ ଲୀଳା କୀର୍ତ୍ତନରେ ନିମଗ୍ନ ହୋଇ ଯାଇଥିଲେ। ଦିନେ ପରିବାର ତ୍ୟାଗ କରି ମନ୍ଦିର ପର୍ବତ ଉପରେ ଧ୍ୟାନମଗ୍ନ ହୋଇଥିଲେ ଏବଂ ସେହିଠାରେ ଜ୍ଞାନପ୍ରାପ୍ତ ହୋଇ ସେ ସ୍ୱତଃ ପ୍ରବୃତ୍ତ ଭାବରେ ଅଭଙ୍ଗବାଣୀ (ଭକ୍ତି ଗୀତିକା) ଗାନ କରିବାରେ ଲାଗିଲେ। ଏହି ମହାନ୍ ପ୍ରେମଭକ୍ତି ସାଧକ ଶ୍ରୀଜଗନ୍ନାଥଙ୍କ ପ୍ରତି ଆକୃଷ୍ଟ ହୋଇ ଏ କ୍ଷେତ୍ରକୁ ଆଗମନ କରି ଏହିଠାରେ ନାମକୀର୍ତ୍ତନରେ ମଗ୍ନ ହୋଇ ଯାଇଥିଲେ। ଏପରିକି ଶ୍ରୀକ୍ଷେତ୍ରରେ ହିଁ ଦେବୀସିଂହ ତୋଟାଠାରେ ମଠ ସ୍ଥାପନ କରି ଏହି କ୍ଷେତ୍ରରେ ହିଁ ଦେହରକ୍ଷା କରିଥିଲେ । ଉକ୍ତ ମଠଟି ବର୍ତ୍ତମାନ ମାଉସୀମା ମନ୍ଦିର ନିକଟସ୍ଥ ତନ୍ତୀମଠ ଭାବରେ ଖ୍ୟାତ ।

### ଶ୍ରୀ ଦୟାମାତା

ଶ୍ରୀ ଦୟାମାତା ହେଉଛନ୍ତି ମହାନ୍ ସନ୍ଥ ପରମହଂସ ଯୋଗାନନ୍ଦଙ୍କ ଶିଷ୍ୟା ତଥା ଯୋଗାନନ୍ଦଙ୍କ ମୃତ୍ୟୁ ପରେ ତାଙ୍କ ପ୍ରତିଷ୍ଠିତ 'ଯୋଗଦା ସତସଙ୍ଗ ସୋସାଇଟି ଅଫ୍ ଇଣ୍ଡିଆ'ର ଅଧ୍ୟକ୍ଷା ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଆମେରିକାନ୍ ମହିଳା ସନ୍ଥଙ୍କର ରେସ୍‌ଏନ୍‌ଜେଲ୍ ଭାରତକୁ ଆଗମନ ଘଟେ ୧୯୫୯ ରେ । ଏଠାରେ ସମୁଦ୍ର ନିକଟସ୍ଥ ଯୋଗାନନ୍ଦଙ୍କ ଗୁରୁ ଯୁକ୍ତେଶ୍ୱର ଗିରିଙ୍କ ଆଶ୍ରମରେ ଅବସ୍ଥାନ କରି ମନ୍ଦିର ଯାଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ବିକଳ୍ପ ପ୍ରବେଶାଧିକାର ନଥିଲା, ତଥାପି ଏହି ମହାନ୍ ଭକ୍ତ ଏବଂ ସାଧିକାଙ୍କ ଡାକ ଶ୍ରୀଜଗନ୍ନାଥ ଗ୍ରହଣ କରିଥିଲେ ଏବଂ ୧୯୫୯ରେ ମନ୍ଦିର ପରିଚାଳକ ଗଜପତି ବୀରକିଶୋର ଦେବଙ୍କ ଅନୁମତି ପାଇ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ସହ ୬.୬.୧୯୫୯ ରେ ଶ୍ରୀମନ୍ଦିର ଗର୍ଭଗୃହକୁ ଯାଇଥିଲେ।

ବହୁ ସାଧୁସନ୍ଥ ଶ୍ରୀକ୍ଷେତ୍ରକୁ ଆସି ଏଠାରେ ଶ୍ରୀଜଗନ୍ନାଥ ଚେତନାର ସର୍ବଧର୍ମ ସମନ୍ୱୟରେ ଧାରାରେ ବିଲୀନ ହୋଇ ଯାଇଥିଲେ ବୋଲି ବହୁ ଆଖ୍ୟାନମାନ ଦେଖିବାକୁ ମିଳିଥାଏ। ■

(ସୌଜନ୍ୟ: ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥ, ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ, ଭୁବନେଶ୍ୱର)

## କେମିତି କଟିବ ସପ୍ତାହ

**ମେଷ** – ରବିବାରରେ ଆଶାଆକାଂକ୍ଷା ପୂରଣ ହେବ । ସୋମ, ମଙ୍ଗଳବାରରେ କର୍ମକ୍ଷେତ୍ରରେ ସାଧାରଣ ସମସ୍ୟା ଉପୁଜିପାରେ। ବୁଧ, ଗୁରୁବାରରେ ପରିବାରଜନଙ୍କ ସହଯୋଗ ପାଇବେ। ଶୁକ୍ର, ଶନିବାର ଛାତ୍ରଛାତ୍ରୀମାନେ କୃତକାର୍ଯ୍ୟ ହେବେ। ବ୍ୟବସାୟ ପାଇଁ ଦୂରଯାତ୍ରା କରିପାରନ୍ତି।

**ବୃଷ** – ରବିବାରରେ ପୈତୃକ ସଂପତ୍ତିକୁ ନେଇ ବିବାଦ ଦେଖାଦେବ। ସୋମ, ମଙ୍ଗଳବାରରେ କର୍ମକ୍ଷେତ୍ରର ସ୍ଥାନ ପରିବର୍ତ୍ତନର ଯୋଗ ଅଛି। ବୁଧ, ଗୁରୁବାରରେ ବ୍ୟବସାୟରେ ଉତ୍ତମ ଜ୍ଞାନକୌଶଳ ପ୍ରୟୋଗ କରିବେ। ଶୁକ୍ର, ଶନିବାରରେ ଉପରିସ୍ଥ କର୍ମଚାରୀଙ୍କ ସହିତ ବଚସା ହୋଇପାରେ।

**ମିଥୁନ** – ରବିବାରରେ ପାରିବାରିକ ଓ ଦାମ୍ପତ୍ୟ ଜୀବନ ସୁଖପ୍ରଦ ହେବ। କେତେକ କ୍ଷେତ୍ରରେ ନିରବତା ଅବଲମ୍ବନ କରିବାକୁ ବାଧ ହେବେ। ସୋମ, ମଙ୍ଗଳବାରରେ କାର୍ଯ୍ୟରେ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ବୁଧ, ଗୁରୁବାରରେ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଶୁକ୍ର, ଶନିବାରରେ ପାରିବାରିକ ସୁଖଶାନ୍ତି ନଷ୍ଟ ହୋଇପାରେ।

**କର୍କଟ** – ରବିବାରରେ ପୁରୁଣା ସମସ୍ୟାର ସମାଧାନ ହେବ। ସୋମ, ମଙ୍ଗଳବାରରେ ମହିଳାମାନେ ଆଦର ସମ୍ମାନ ପାଇବେ। ବୁଧ, ଗୁରୁବାରରେ ଉପସ୍ଥିତବୁଦ୍ଧି ପ୍ରୟୋଗ କରି କାମ ହାସଲ କରି ପାରିବେ। ଶୁକ୍ର, ଶନିବାରରେ ରାଜନୀତିଜ୍ଞମାନେ ସଫଳତା ପାଇବେ।

**ସିଂହ** – ରବିବାରରେ ବିଳାସବ୍ୟସନରେ ସମୟ କାଟିବେ। ସୋମ, ମଙ୍ଗଳବାରରେ ବ୍ୟବସାୟରେ ମଧ୍ୟମ ଧରଣର ଲାଭ ପାଇବେ। ସ୍ୱାସ୍ଥ୍ୟ ଉତ୍ତମ ରହିବ। ବୁଧ, ଗୁରୁବାରରେ ଆର୍ଥିକ ଚିନ୍ତାକରି କଷ୍ଟ ପାଇପାରନ୍ତି। ବନ୍ଧୁ ସହଯୋଗ ମିଳିପାରେ। ଶୁକ୍ର, ଶନିବାରରେ ବ୍ୟବସାୟରେ ଲାଭବାନ ହେବେ।

**କନ୍ୟା** – ରବିବାରରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ହୋଇପାରେ। ସୋମ, ମଙ୍ଗଳବାରରେ ପାରିବାରିକ ଜୀବନ ସୁଖପ୍ରଦ ହେବ। ବୁଧ, ଗୁରୁବାରରେ ଆକସ୍ମିକ ଭାବରେ ବ୍ୟୟଭାର ବୃଦ୍ଧି ପାଇବ। ଶୁକ୍ର, ଶନିବାରରେ ସାହିତ୍ୟ ଓ ପ୍ରଶାସନିକ ସ୍ତରରେ ଉଚ୍ଚସମ୍ମାନ ପାଇପାରନ୍ତି।

**ତୁଳା** – ରବିବାରରେ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ। ସୋମ, ମଙ୍ଗଳବାରରେ ନୂଆ କାମ କରି ଉତ୍ସାହିତ ରହିବେ। ବୁଧ, ଗୁରୁବାରରେ ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ଚିନ୍ତିତ ରହିବେ। ଶୁକ୍ର, ଶନିବାରରେ ପାରିବାରିକ ନିବିଡ଼ତା ମଧ୍ୟ ବୃଦ୍ଧି ପାଇବ। ମହିଳାମାନେ ସ୍ୱାଧୀନମନା ହେବେ।

**ବିଛା** – ରବିବାରରେ ଜମିଜମା ମାମଲାକୁ ନେଇ ଶତ୍ରୁ ଉପୁଜିବେ। ସୋମ,ମଙ୍ଗଳବାରରେ ମାନସିକ ଅବସାଦର ଶିକାର ହୋଇପାରନ୍ତି। ବୁଧ, ଗୁରୁବାରରେ କର୍ମକ୍ଷେତ୍ରରେ ଅସ୍ଥିରତା ଅନୁଭବ କରିବେ। ଶୁକ୍ର, ଶନିବାରରେ ସରକାରୀ ସହାୟତା ପାଇ ଦୀର୍ଘଦିନ ଧରି ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ।

**ଧନୁ** – ରବିବାରରେ କୌଣସି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ପୂରା ହୋଇପାରେ। ସୋମ, ମଙ୍ଗଳବାରରେ ଅକସ୍ମାତ୍ ଦୂରଯାତ୍ରା କରିପାରନ୍ତି। ବୁଧ, ଗୁରୁବାରରେ ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇ ପାରେ। ଶୁକ୍ର, ଶନିବାରରେ ସନ୍ତାନମାନଙ୍କ ଉନ୍ନତି ପାଇଁ ବିଭିନ୍ନ ପ୍ରକାର ପ୍ରଚେଷ୍ଟା ଜାରି ରଖିବେ।

**ମକର** – ରବିବାରରେ ପ୍ରତ୍ୟେକ କାର୍ଯ୍ୟରେ ଶୁଭ ଫଳ ପାଇବେ। ଲାଗିରହିଥିବା ସମସ୍ୟା ଅପସରି ଯିବ। ସୋମ, ମଙ୍ଗଳବାରରେ ଅନ୍ୟମନସ୍କତା ପାଇଁ କିଛି ମୂଲ୍ୟବାନ ବସ୍ତୁ ହରାଇ ବସିବେ। ବୁଧ, ଗୁରୁବାରରେ ସହକର୍ମୀ ଅସନ୍ତୁଷ୍ଟ ହୋଇପାରନ୍ତି। ଶୁକ୍ର, ଶନିବାରରେ ବ୍ୟବସାୟ ପରିବହନରୁ ଲାଭାନ୍ୱିତ ହେବେ।

**କୁମ୍ଭ** – ରବିବାରରେ ପରିବାରରେ ସୁଖ-ସଂପ୍ରୀତି ବୃଦ୍ଧି ପାଇବ। ସୋମ, ମଙ୍ଗଳବାରରେ ଅଳ୍ପ ପରିଶ୍ରମ କରି ଅଧିକ ଫଳ ପାଇବାର ଆଶା ରଖିବେ। ବୁଧ, ଗୁରୁବାରରେ ବିବାହ ପ୍ରସ୍ତାବ ସ୍ଥିରୀକୃତ ହେବ। ଶୁକ୍ର, ଶନିବାରରେ କର୍ମକ୍ଷେତ୍ରରେ ସଂଯମତା ଅବଲମ୍ବନ କରନ୍ତୁ।

**ମୀନ** – ରବିବାରରେ ପରିବାରଠାରୁ ସହଯୋଗ ନ ପାଇ ଦୁଃଖିତ ହେବେ। ସୋମ, ମଙ୍ଗଳବାରରେ ବେରୋଜଗାର ବ୍ୟକ୍ତିଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ। ବୁଧ, ଗୁରୁବାରରେ ବିବାଦୀୟ ପରିସ୍ଥିତିରୁ ଦୂରେଇ ରୁହନ୍ତୁ। ଶୁକ୍ର, ଶନିବାରରେ ଅକସ୍ମାତ୍ ବନ୍ଧୁମିଳନ ହୋଇପାରେ। ମହିଳାମାନେ ଆତ୍ମନିର୍ଭରଶୀଳ ହେବେ। ■